# ସ୍କୁଲକୁ ଦାନ ହୋଇଥିବା ଜମି ଗାଏବ

## ଜିଲାପାଳଙ୍କୁ ଅଭିଯୋଗ କଲେ ଫଗୁଣା ଗ୍ରାମବାସୀ

**ଖଇରା, ୨୪।୧(ଡି.ଏନ.ଏ.)**

ଖଇରା ବ୍ଲକ ମହତୀପୁର ପଞ୍ଚାୟତ ଅଧୀନ ଫଗୁଣାସ୍ଥିତ ଶିବ ପ୍ରସାଦ ଏମ୍ଇ ସ୍କୁଲକୁ ଜମିଦାନ କରିଥିବା ବ୍ୟକ୍ତିମାନଙ୍କ ଉତ୍ତରାଧିକାରୀମାନେ କୌଶଳ କରି ଜମିକୁ ଅନ୍ୟ କିଛି ଲୋକଙ୍କୁ ବିକ୍ରି କରିଛନ୍ତି। ସ୍କୁଲ ପ୍ରତିଷ୍ଠା ଦିନରୁ ସ୍କୁଲ ଅଧୀନରେ ଥିବା ଜମିରୁ ଆସିଥିବା ଆୟର ହିସାବ କାହାରି ପାଖରେ ନାହିଁ। ସ୍କୁଲ ଆରମ୍ଭ ସମୟରେ ୨ ଏକର ୫୦ ଡିସିମିଲ ସମ୍ପତ୍ତି ଥିଲା। ଖାତାପତ୍ର ଦେଖିଲେ ସ୍କୁଲ ଏବେ ଭୂମିଶୂନ୍ୟ ହୋଇପଡିଛି। ୩୦ବର୍ଷ ଧରି ପ୍ରଧାନଶିକ୍ଷକ ଭାବେ ରହିଥିବା ରଙ୍ଗାଧର ରାଉଳଙ୍କ ନିକଟରେ କୌଣସି ହିସାବ ନ ଥିବା ନେଇ ଗ୍ରାମବାସୀ ସୂଚନା ଅଧିକାର ବଳରେ ଜାଣିପାରିଛନ୍ତି। ସ୍କୁଲ ପରିଚାଳନାକୁ (ଶିବପ୍ରସାଦ ଏମ୍ଇ ସ୍କୁଲ) ବ୍ୟବସ୍ଥିତ କରିବା ତଥା ଅନିୟମିତତାର ଭିଜିଲାନ୍ସ ତଦନ୍ତ କରିବାକୁ ସୋମବାର ଗ୍ରାମବାସୀ ଜିଲାପାଳଙ୍କୁ ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଏହାର ନକଲ ବ୍ଲକ ଶିକ୍ଷାଧିକାରୀ, ଜିଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିଛନ୍ତି। ଅର୍ଥ ଓ ଜମି ଆତ୍ମସାତ କରିଥିବା ବ୍ୟକ୍ତିଙ୍କ ନାମରେ କାର୍ଯ୍ୟାନୁଷ୍ଠାନ କରା ନ ଗଲେ ସମୂହ ଗ୍ରାମବାସୀ ଅନଶନରେ ବସିବେ ବୋଲି ଗ୍ରାମର ଅଭିମନ୍ୟୁ ପରମାଣିକ, ଲମ୍ବୋଦର ରାଉତ, ନିରଞ୍ଜନ ରାଉତ, ଭାସ୍କର ଚନ୍ଦ୍ର ରାଉଳ ପ୍ରମୁଖ ଚେତାବନୀ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ ୨ ଏକର ୫୦ ଡିସିମିଲ ଜମିଦାନ କରିଥିବା ରଘୁନାଥ ରାଉତଙ୍କ ପରେ ପୁଅ ସତ୍ୟବାନ ରାଉତ ୧୯୯୦ ମସିହାରେ ଅଭିରାମ ପରମହଂସଙ୍କ ମଠକୁ ପୁନଃ ଦାନ କରିଛନ୍ତି। ବାକି ୫୦ ଡିସିମିଲ ଜମିକୁ ଗ୍ରାମର ଅଚ୍ୟୁତାନନ୍ଦ ପ୍ରଧାନ ନିଜର ବୋଲି ଦାବି କରି ଖଇରା ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସ୍କୁଲ କର୍ତ୍ତୃପକ୍ଷ ଯେଉଁ ତଥ୍ୟ ଦେଇଛନ୍ତି ବାସ୍ତବରେ ତହସିଲରୁ ମିଳିଥିବା ରେକର୍ଡରେ ତାହା ମେଳ ଖାଉ ନ ଥିବାରୁ ତାହା ଜାଲିଆତି ହୋଇଥିବା ଗ୍ରାମବାସୀ ଆଶଙ୍କା କରିଛନ୍ତି। ଏହା ପୂର୍ବରୁ ଗ୍ରାମବାସୀ ଡିସେମ୍ବର ୧୭ତାରିଖରେ ପ୍ରଥମଥର ଅଭିଯୋଗ କରିବା ପରେ ଏହା ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳ ଖଇରା ବିଇଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏ ପର୍ଯ୍ୟନ୍ତ ତଦନ୍ତ କରାଯାଇ ନ ଥିବାରୁ ଗ୍ରାମବାସୀ ଅଧିକାରୀମାନଙ୍କ କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ଧରଣୀଧର ପାତ୍ରଙ୍କୁ ପଚାରିବାରେ ଜମି ସମ୍ପର୍କରେ ସତ୍ୟତା ଜଣିବାକୁ ସେ ତହସିଲକୁ ଚିଠି କରିଛନ୍ତି। ତାହା ମିଳିବା ପରେ ଯାହା କିଛି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ପ୍ରଧାନଶିକ୍ଷକ ରଙ୍ଗାଧର ରାଉଳଙ୍କୁ ଏ ସମ୍ପର୍କରେ ପଚାରିବାରେ ୧୯୯୧ରେ ସ୍କୁଲ ସରକାରୀ ହେବା ପରେ ଖାତାପତ୍ର ତାଙ୍କୁ ଦିଆଗଲା। ସେ ସେହି ଫାଇଲ କେବେ ଖୋଲି ନାହାନ୍ତି, କେତେ ଜମି ସ୍କୁଲ ନାମରେ ଅଛି କିଏ ଏହାକୁ ଚାଷ କରୁଛି ସେ ଅବଗତ ନ ଥିଲେ। ସୂଚନା ଅଧିକାର ତଥ୍ୟ ଖୋଜିବା ସମୟରେ ସେ ପ୍ରଥମେ ସେହି ଫାଇଲ ଖୋଲି ତଥ୍ୟ ଦେଇଥିଲେ ବୋଲି କହିଛନ୍ତି।

## ସଂକ୍ଷେପରେ

### ଟ୍ରେନରେ କଟି ଯୁବକଙ୍କ ମୃତ୍ୟୁ

**ବାହାନଗା, ୨୪।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନଗା ବ୍ଲକ ପଣପଣା ପଞ୍ଚାୟତ ବେଗୁନିଆ ଗ୍ରାମ ୫ ନମ୍ବର ୱାର୍ଡର ଜଣେ ବିବାହିତ ଯୁବକ ଟ୍ରେନ ଧକ୍କାରେ ପ୍ରାଣ ହରାଇଛନ୍ତି। ଏନେଇ ବାଲେଶ୍ୱର ଜିଲା ଜିଆରପିଏଫ ଥାନାରେ ଅପମୃତ୍ୟୁ ମାମଲା (ନଂ.୭/୧୯) ରୁଜୁ ହୋଇଛି। ବେଗୁନିଆ ଗ୍ରାମର କାଶିଆ ବେହେରା(୩୩) ଗୁରୁବାର ସକାଳେ କୌଣସି କାମରେ ଗ୍ରାମ ନିକଟସ୍ଥ ରେଳଧାରଣା କଡରେ ଯାଉଥିବା ବେଳେ ଡାଉନ୍‌ରୁ ଶତାବ୍ଦୀ ଏକ୍ସପ୍ରେସ ଆସୁଥିଲା। ଏହି ଟ୍ରେନ୍ କାଶିଆଙ୍କୁ ଧକ୍କା ଦେବା ଫଳରେ ତାଙ୍କର ମୁଣ୍ଡଗଣ୍ଡି ଅଲଗା ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ଖବରପାଇ ପରିବାର ଲୋକେ ସେଠାରେ ପହଞ୍ଚି ବାଲେଶ୍ୱର ଜିଆରପିଏଫ୍ ପୋଲିସକୁ ଖବର ଦେଇଥିଲେ। ଅନ୍ୟପଟେ ଧକ୍କା ଦେଇଥିବା ଶତାବ୍ଦୀ ଟ୍ରେନର ଡ୍ରାଇଭର ମଧ ବାଲେଶ୍ୱର ଜିଆରପିଏଫ ଥାନାକୁ ଜଣାଇଥିଲେ। ଜିଆରପିଏଫ ଥାନାର ଏସ୍ଆଇ ଇନ୍ଦୁମତୀ ଶୁକ୍ଲା, ଏସ୍ଆଇ ପି.କେ. ନାୟକଙ୍କ ସମେତ ଆରପିଏଫ ଏସ୍ଆଇ ପି. ଲାକ୍ରା ପ୍ରମୁଖ ଅଧିକାରୀ ପହଞ୍ଚି ତଦନ୍ତ କରିବା ସହିତ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।

### ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

**ଖଇରା, ୨୪।୧ (ଡି.ଏନ.ଏ.) :** ଖଇରା ଆଳଦା ଛକ ନିକଟରେ ଥିବା ଆଦର୍ଶ ଶିକ୍ଷା ମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ପ୍ରଭାତ କୁମାର ଜେନା ଏହାର ଉଦ୍‌ଘାଟନ କରିଥିଲେ। ଏଥିରେ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ବେଙ୍ଗଡିଆଁ, ଦୌଡ ପ୍ରତିଯୋଗିତା, ବୁରା ଡିଆଁ, ଗଣିତ ଦୌଡ, ଶଙ୍ଖ ଧ୍ୱନି, ପୁଚି, ଗୀତ ନାଚ, ଏକକ ଅଭିନୟ ପ୍ରଭୃତି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ବିଶିଷ୍ଟ କଣ୍ଠଶିଳ୍ପୀ ସ୍ୱାଧୀନ ରାଉତ ଓ ଅଭିନେତ୍ରୀ ପ୍ରଜ୍ଞା ପାରମିତା ଦଳେଇ ବିଚାରକ ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧକ୍ଷ ମଣିକିଙ୍କର ଜେନାଙ୍କ ସମେତ ସମସ୍ତ ଶିକ୍ଷୟତ୍ରୀ ଓ ଶିକ୍ଷକ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ଦୂର ହେବ ପୋଲିସ ପ୍ରତି ଭୟ

**ବାଲେଶ୍ୱର ଅଫିସ,୨୪।୧**

ଆରମ୍ଭ ହେଲା ‘ଷ୍ଟୁଡେଣ୍ଟ-ପୋଲିସ ଯୋଜନା’



ଷ୍ଟୁଡେଣ୍ଟ-ପୋଲିସ ଯୋଜନା ଶୁଭାରମ୍ଭ ଅବସରରେ ମଞ୍ଚାସୀନ ଅତିଥି।

ବାଲେଶ୍ୱର ଜିଲା ସ୍କୁଲ ସମ୍ମିଳନୀ କକ୍ଷରେ ଗୁରୁବାର ‘ଷ୍ଟୁଡେଣ୍ଟ-ପୋଲିସ ଯୋଜନା’ର ଶୁଭାରମ୍ଭ ହୋଇଛି। ଏଥିରେ ଜିଲାସ୍କୁଲର ୮ରୁ ୧୦ମ ଶ୍ରେଣୀର ୨୧ ବାଳିକା ଏବଂ ୨୧ ବାଳକ ମୋଟ୍ ୪୨ଜଣଙ୍କୁ ସାମିଲ କରାଯାଇଛି। ପ୍ରତି ସପ୍ତାହରେ ଦୁଇଦିନ ପୋଲିସର ନୀତି ନିୟମ ସମ୍ପର୍କରେ ଅବଗତି ନିମନ୍ତେ ଶିକ୍ଷା ପ୍ରଦାନ କରାଯିବ। ଫଳରେ ପୋଲିସ ପ୍ରତି ଥିବା ଭୟ ଦୂର ହୋଇପାରିବ ବୋଲି ମୁଖ୍ୟଅତିଥି ଭାବେ ପୂର୍ବାଞ୍ଚଳ ଡିଆଇଜି ଅମିତେନ୍ଦ୍ର ନାଥ ସିହ୍ନା ଯୋଗଦେଇ ପ୍ରକାଶ କରିଛନ୍ତି। ଜିଲା ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର କୁମାର ଉତ୍ସବରେ ସଭାପତିତ୍ୱ କରିଥିବା ବେଳେ ଡିଏସ୍‌ପି ଉମେଶ ପଣ୍ଡା ପରିଚାଳନା କରିଥିଲେ। ସଦର ବିଧାୟକ ଜୀବନ ପ୍ରଦୀପ ଦାଶ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଛାତ୍ରମାନେ ଦେଶର ଭବିଷ୍ୟତ। ଏବେଠାରୁ ସେମାନେ ଆଇନକାନୁନ ବିଷୟରେ ଜାଣିବା ସହ ଜନସାଧାରଣଙ୍କୁ ସଚେତନ କରାଇପାରିଲେ ସମାଜର ମଙ୍ଗଳ ହେବ ବୋଲି କହିଥିଲେ। ଜିଲାପାଳ ରମେଶ ଚନ୍ଦ୍ର ରାଉତ ଯୋଗଦେଇ ଲୋକମାନେ କେବଳ ସାମ୍ବିଧାନିକ ଅଧିକାର ପାଇଁ ଆନ୍ଦୋଳନ, ବିକ୍ଷୋଭ କରୁଥିବାବେଳେ ସାମ୍ବିଧାନିକ ଦାୟିତ୍ୱ ଏବଂ କର୍ତ୍ତବ୍ୟକୁ ଭୁଲି ଯାଇ ବିଭିନ୍ନ ସମୟରେ ସମାଜର ଉନ୍ନତି ମୂଳକ କାର୍ଯ୍ୟରେ ଆଇନ୍‌ର ପ୍ରତିରୋଧ କରିଥାନ୍ତି। ତେଣୁ ଏହି ଯୋଜନା ଛାତ୍ର ଅବସ୍ଥାରେ ଆଇନ୍‌କୁ ସଠିକ୍ ଭାବେ ବୁଝି ଅନ୍ୟକୁ ବୁଝାଇବାର ଉତ୍ତମ ମାଧ୍ୟମ ବୋଲି ସେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ପ୍ରମୋଦ ଷଡ଼ଙ୍ଗୀ, ଜିଲାସ୍କୁଲର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ।

# ଭାଜପାର ସାଂଗଠନିକ ବୈଠକ

**ଜଳେଶ୍ୱର, ୨୪।୧(ଡି.ଏନ୍.ଏ.)**

ଜଳେଶ୍ୱର ବ୍ଲକ ଖୁଆଡ଼ ପଞ୍ଚାୟତର ପୁରୁଣାପାଣିଠାରେ ଭାଜପା ତରଫରୁ ପଞ୍ଚାୟତସ୍ତରୀୟ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ନେତା ପ୍ରବୀର କୁମାର ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ ଯୁବନେତା ମାନସ ଦାସମହାପାତ୍ର ସଭାପତିତ୍ୱ କରିଥିଲେ। ବରିଷ୍ଠ ଭାଜପା ନେତା ତଥା ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତି ବୈଠକରେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କର ସବକା ସାଥ ସବକା ବିକାଶ ସ୍ଲୋଗାନ ଅନୁସାରେ ପୂର୍ବ ଭାରତରେ ଓଡ଼ିଶାର ବିକାଶ ତୀବ୍ରତର ହେବାରେ ଲାଗିଛି। ଏଥିସହିତ ବିଭିନ୍ନ ଜନକଲ୍ୟାଣ ଯୋଜନା ପ୍ରଚଳନ କରିବା ଫଳରେ ସମାଜର ବିଭିନ୍ନ ବର୍ଗ ବିଶେଷକରି ମହିଳା, ଯୁବଗୋଷ୍ଠୀ, ବୟୋଜ୍ୟେଷ୍ଠ ଆଦିବାସୀ, ଦଳିତ, ପଛୁଆବର୍ଗ ସହିତ ସାଧାରଣ ବର୍ଗର ଗରିବଙ୍କ ବିକାଶ ସମ୍ଭବ ହେଉଛି ବୋଲି ଜୟନାରାୟଣ ଉପସ୍ଥିତ ଶତାଧିକ ତୃଣମୂଳ ସ୍ତରର ଭାଜପା କର୍ମୀ ମାନଙ୍କୁ ଅବଗତ କରାଇ ଦଳକୁ ଆଗାମୀ ସାଧାରଣ ନିର୍ବାଚନରେ ବିଜୟ କରାଇବା ପାଇଁ ଆହ୍ୱାନ ଦେଇଥିଲେ। ପରିଶେଷରେ ୭ ନଂ. ଜୋନ୍ ର ମଣ୍ଡଳ ସଭାପତି ସୁଧାଂଶୁ ଶେଖର ଘୋଷ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସେଲ୍ଫି କର୍ଣ୍ଣର


ହରେକୃଷ୍ଣ


ଜଗନ

ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | balasoreselfie@gmail.com (ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)

# ୩୦ରେ ସମବାୟ ବ୍ୟାଙ୍କ ଘେରାଉ

**ବସ୍ତା, ୨୪।୧(ସ୍ୱ.ପ୍ର.)**

ସମସ୍ତ କୃଷକଙ୍କୁ ଋଣ ଛାଡ଼ କରିବା ପାଇଁ ରାଜ୍ୟ ଭାଜପାର କୃଷକ ମୋର୍ଚ୍ଚା ତରଫରୁ ଦିଆଯାଇଥିବା ଆହ୍ୱାନ ପରିପ୍ରେକ୍ଷୀରେ ଆସନ୍ତା ୩୦ ତାରିଖରେ ବସ୍ତା ସମବାୟ ବ୍ୟାଙ୍କ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ପାଇଁ ବସ୍ତା ନିର୍ବାଚନମଣ୍ଡଳୀ କୃଷକ ମୋର୍ଚ୍ଚା ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ଉପଲକ୍ଷେ ବସ୍ତା ଭାଜପା କାର୍ଯ୍ୟାଳୟରେ ଜାତୀୟ ପରିଷଦ ସଦସ୍ୟ ଶ୍ୟାମାପ୍ରସାଦ ବେହେରାଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଶୁଭଙ୍କର ମହାପାତ୍ର, କୃଷକ ମୋର୍ଚ୍ଚା ଜିଲା ସଭାପତି ମହେନ୍ଦ୍ର ଦାସ, ଜିଲା ସାଧାରଣ ସମ୍ପାଦକ ଅଜୟ ସାହୁ, ରାଜ୍ୟ କମିଟି ସଦସ୍ୟ ଅଦ୍ୱୈତ ବାଗ, କୃଷକ ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ ସୂର୍ଯ୍ୟନାରାୟଣ ସାହୁ, ମଣ୍ଡଳ ସଭାପତି ଶିବାନନ୍ଦ ଦାସ, ରାଉତପଡ଼ା ସେବା ସମବାୟ ସଭାପତି ହରେନ୍ଦ୍ର ଦାସ ପ୍ରମୁଖ ଆଲୋଚନାରେ ବକ୍ତବ୍ୟ ଦେଇଥିଲେ। ଆଗାମୀ ଦିନରେ ରାଜ୍ୟ ବିଜେଡି ସରକାରଙ୍କର ଚାଷୀମାରଣ ନୀତିକୁ ପର୍ଦ୍ଦାଫାଶ କରିବା ପାଇଁ ଧାନମଣ୍ଡିରେ ବିକ୍ଷୋଭ, ନକଲି କୀଟନାଶକ ଯୋଗାଣ ଓ ଜଳ ସେଚନରେ ବିଫଳତା ସମ୍ପର୍କରେ ଜନଜାଗରଣ କରିବାପାଇଁ ନିଷ୍ପତ୍ତି ନିଆଯାଇଥିଲା।

# ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

**ରୂପ୍‌ସା, ୨୪।୧(ଡି.ଏନ.ଏ.)**

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ନିର୍ଦ୍ଦେଶକ୍ରମେ ସଦର ବ୍ଲକ ଉଇଟିକିରି ଶାନ୍ତିଲତା ମହାବିଦ୍ୟାଳୟରେ ଦ୍ୱିତୀୟ ପର୍ଯ୍ୟାୟରେ ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ମାଷ୍ଟର ଟ୍ରେନର ଦେବଯାନୀ ପ୍ରଧାନ ୧୨ଦିନ ବ୍ୟାପୀ ଅନୁଷ୍ଠିତ ଶିବିରରେ ଶତାଧିକ ଛାତ୍ରୀଙ୍କୁ ଆତ୍ମସୁରକ୍ଷାର ବିଭିନ୍ନ କୌଶଳ ସମ୍ପର୍କରେ ତାଲିମ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅଧକ୍ଷ ଯତୀନ୍ଦ୍ରନାଥ ଦାସ ଯୋଗଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ପ୍ରାଧ୍ୟାପକ ଗୋବିନ୍ଦ ଚନ୍ଦ୍ର ମାଝି, ଅଧ୍ୟାପକ ମାନସ କୁମାର ଦତ୍ତ, ପ୍ରୋଗ୍ରାମ ଅଫିସର ଉମାଶଙ୍କର ପାଣି ପ୍ରମୁଖ ଯୋଗଦେଇ ଛାତ୍ରୀଙ୍କ ସୁରକ୍ଷା ନିଜ ହାତରେ ବୋଲି ଆହ୍ୱାନ ଦେଇଥିଲେ।

# ଶକ୍ତି ସଂରକ୍ଷଣ ସଚେତନତା ଶିବିର

**ଖଇରା,୨୪।୧(ଡି.ଏନ.ଏ.):** ଏଭରଗ୍ରୀନ୍ ଫୋରମର ପ୍ରତିଷ୍ଠାତା ପ୍ରକାଶଚନ୍ଦ୍ର ଯେନା ଏବଂ କିଶୋର କ୍ଲବର ସଭାପତି ସତ୍ୟନାରାୟଣ ଦାସଙ୍କ ମିଳିତ ଆନୁକୂଲ୍ୟରେ ନିଳାମ୍ବର ସରକାରୀ ଉଚ୍ଚବିଦ୍ୟାଳୟରେ ଶକ୍ତି ସଂରକ୍ଷଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମନୋରଞ୍ଜନ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ଅତିଥି ଭାବେ ଭୁବନେଶ୍ୱରରୁ ଆସିଥିବା ଇଂ ପ୍ରକାଶ ଚନ୍ଦ୍ର ଯେନା, ବିଦ୍ୟାଳୟର ସହକାରୀ ଶିକ୍ଷକ ଚିନ୍ତାମଣି ଯେନା ପ୍ରମୁଖ ଯୋଗଦେଇ ଶକ୍ତି ସଂରକ୍ଷଣ ବାବଦରେ ପିଲାମାନଙ୍କୁ ଅବଗତ କରାଇଥିଲେ। କିଶୋର କ୍ଲବ୍‌ର ସଭାପତି ସତ୍ୟନାରାୟଣ ଦାସ ଓ ଏଭରଗ୍ରୀନ ଫୋରମ୍ ଭୁବନେଶ୍ୱରର ପ୍ରତିଷ୍ଠାତା ପ୍ରକାଶଚନ୍ଦ୍ର ଯେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ପାଚିକା ସହାୟିକାମାନେ।

# ପାଚିକା ସଂଘର ବିକ୍ଷୋଭ

**ବାଲେଶ୍ୱର ଅଫିସ, ୨୪।୧**

କେନ୍ଦ୍ରୀୟ ପାକଶାଳା ଯୋଜନାର ଘରୋଇକରଣକୁ ବିରୋଧ କରି ମଧ୍ୟାହ୍ନଭୋଜନ କର୍ମୀ ସଂଘ ପକ୍ଷରୁ ଗୁରୁବାର ବାଲେଶ୍ୱର ଜିଲାପାଳଙ୍କ ଅଫିସ୍ ଘେରାଉ କରାଯାଇଛି। ଏହାସହ ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ମାନସ ରଞ୍ଜନ ପାଢ଼ୀଙ୍କୁ ପ୍ରଦାନ କରାଯାଇଛି। ମଧ୍ୟାହ୍ନଭୋଜନ ବିତରଣକୁ ଘରୋଇକରଣ କରାଇଲେ ଛାତ୍ରୀଛାତ୍ରମାନେ ତଟକା ପୃଷ୍ଟସାର ଖାଦ୍ୟ ପାଇବାରୁ ବଞ୍ଚିତ ହେବା ସହ ବହୁ ପାଚିକା ଚାକିରି ହରାଇବାର ଆଶଙ୍କା ରହିଛି ବୋଲି ଓଡ଼ିଶା ମଧ୍ୟାହ୍ନଭୋଜନ କର୍ମୀ ସଂଘର ରାଜ୍ୟ ସଭାପତି ରାଧାରମଣ ଷଡ଼ଙ୍ଗୀ କହିଛନ୍ତି।

ଜିଲାର ୧୨ଟି ବ୍ଲକରେ ପାଚିକା ସହାୟିକା ୧୯୯୫ ମସିହାରୁ ନିଷ୍ଠାପର ଭାବେ କାର୍ଯ୍ୟ ତୁଲାଇ ଆସୁଛନ୍ତି। ମଧ୍ୟାହ୍ନଭୋଜନକୁ ଘରୋଇକରଣ କରି ଠିକାଦାର ମାଧ୍ୟମରେ ପ୍ରଦାନ କରାଗଲେ ଖାଦ୍ୟର ମାନ କମିବାର ଆଶଙ୍କା ରହିଛି। ପାଚିକା ସଂଘର ଦାବି ପ୍ରତି ଗୁରୁତ୍ୱ ଦିଆ ନ ଗଲେ ଆଗାମୀ ଫେବୃୟାରୀ ୭ ତାରିଖରେ ବିଧାନସଭା ଆଗରେ ଆଇନ ଅମାନ୍ୟ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ବିକ୍ଷୋଭରେ କାର୍ଯ୍ୟକାରୀ ସଭାପତି ମୃତ୍ୟୁଞ୍ଜୟ ରାଉତ, କାର୍ଯ୍ୟକାରୀ ସମ୍ପାଦିକା ପୂର୍ଣ୍ଣିମା ବେହେରା, କନକଲତା ଦାସ, ଉଷା ବେହେରା, ବିନୋଦିନୀ ପଣ୍ଡା, ଉମାକାନ୍ତ ବେହେରା, ବସନ୍ତ ପ୍ରଧାନ, ସୁଶୀଳା ପାଣିଗ୍ରାହୀ, ମଞ୍ଜୁଲତା ପ୍ରଧାନ ପ୍ରମୁଖ ସାମିଲ ଥିଲେ।

# ଅବସରପ୍ରାପ୍ତ ନେସ୍କୋ କର୍ମଚାରୀଙ୍କ ଧାରଣା ଚେତାବନୀ

**ବାଲେଶ୍ୱର ଅଫିସ, ୨୪।୧:** ବାଲେଶ୍ୱର ଅବସରପ୍ରାପ୍ତ ବିଦ୍ୟୁତ୍ କର୍ମଚାରୀ ସଂଘର ସଦସ୍ୟଙ୍କର ବକେୟା ପାଉଣା ନେସ୍କୋ କମ୍ପାନୀ ପଇଠ ନ କଲେ ଆସନ୍ତା ମାର୍ଚ୍ଚ ୬ ତାରିଖରେ ସମୂହ ଧାରଣା ଦେବେ ବୋଲି ଚେତାବନୀ ଦିଆଯାଇଛି। ଏ ନେଇ ସଂଘ କାର୍ଯ୍ୟାଳୟରେ ଆୟୋଜିତ ଏକ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବାଲେଶ୍ୱର-ଭଦ୍ରକ ମଣ୍ଡଳର ଅବସରପ୍ରାପ୍ତ ବିଦ୍ୟୁତ୍ କର୍ମଚାରୀ ସଂଘ ସଦସ୍ୟମାନେ ବୁଧବାର ସଂଘ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅବସରପ୍ରାପ୍ତ କର୍ମଚାରୀମାନଙ୍କର ବିଭିନ୍ନ ସୁବିଧା, ଅସୁବିଧା ଆଲୋଚନା ହେବା ସହ ସପ୍ତମ ବେତନ କମିଶନ ନିର୍ଦ୍ଦେଶନାମା ଅନୁଯାୟୀ ଅବସରପ୍ରାପ୍ତ ବିଦ୍ୟୁତ୍ କର୍ମଚାରୀମାନଙ୍କର ବକେୟା ପାଉଣା ପଇଠ ପାଇଁ ନେସ୍କୋର ମୁଖ୍ୟ ଅଧିକାରୀଙ୍କ ଚିଠି (ନଂ. ୪୨୮/୩, ତାରିଖ ୧୬।୧।୨୦୧୯) ଉପରେ ଆଲୋଚନା କରାଯାଇ ଫେବୃୟାରୀ ୪ ତାରିଖରେ ହେବାକୁ ଥିବା ଆନ୍ଦୋଳନକୁ ସ୍ଥଗିତ କରାଯାଇଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନ ହେଲେ ମାର୍ଚ୍ଚ ୬ ତାରିଖରେ ଆନ୍ଦୋଳନ ହେବ ବୋଲି ସଂଘ ସମ୍ପାଦକ ଚିତ୍ତରଞ୍ଜନ ପଡ଼ିଆରୀ ଜଣାଇଛନ୍ତି।




CLASSIFIED DISPLAY













| MORE SPACE • SAME PRICE | | | |
|---|---|---|---|
| CLASSIFIED DISPLAY (On Tuesday & Friday All Orissa Edition) | SIZE | COLOR | B/W |
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168 5% GST Applicable



## ସଂକ୍ଷେପରେ

### ବ୍ୟାଙ୍କ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ
### ୪୦ ହଜାର ଟଙ୍କା ଲୁଟିନେଲେ ଦୁର୍ବୃତ୍ତ

**ଭଦ୍ରକ ଅଫିସ, ୨୪।୧:** ଜଣେ ବ୍ୟାଙ୍କ କର୍ମଚାରୀଙ୍କୁ ରାସ୍ତାରେ ଅଟକାଇ ମରଣାନ୍ତକ ଆକ୍ରମଣ କରି ୪୦ ହଜାର ଟଙ୍କା ଲୁଟି ନେଇଛନ୍ତି ଦୁର୍ବୃତ୍ତ। ଏ ନେଇ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ସୂଚନା ମୁତାବକ ଯାଜପୁର କଳିଙ୍ଗ ଗ୍ରାମ୍ୟବ୍ୟାଙ୍କର କର୍ମଚାରୀ ରମାକାନ୍ତ ମହାରଣା(୫୧) ବୁଧବାର ସନ୍ଧ୍ୟାରେ କାମ ସାରି ନିଜ ଘର ବିଜେଗଙ୍ଗାଧରପୁରକୁ ବାଇକ୍‌ରେ ଫେରୁଥିଲେ। ଖଣ୍ଡତଡ଼ା ନିକଟସ୍ଥ ବଟେଶ୍ୱର ମନ୍ଦିର ପାଖରେ ୨ ଜଣ ଦୁର୍ବୃତ୍ତ ତାଙ୍କୁ ପଛପଟୁ ଆକ୍ରମଣ କରିଥିଲେ। ଗାଡ଼ି ଅଟକିବା ପରେ ସେମାନେ ତାଙ୍କ କାନ୍ଧରେ ଥିବା ଟଙ୍କା ବ୍ୟାଗ୍ ଝାମ୍ପି ନେଇଯାଇଥିଲେ। ଗୁରୁତର ଆହତ, ସଂଜ୍ଞାହୀନ ଅବସ୍ଥାରେ ରମାକାନ୍ତଙ୍କୁ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ରମାକାନ୍ତଙ୍କ ମୁଣ୍ଡ ଓ ମୁହଁରେ ଆଘାତ ଲାଗିଛି। ଏ ନେଇ ରମାକାନ୍ତଙ୍କ ପୁଅ ରଶ୍ମିରଞ୍ଜନ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଛନ୍ତି।

### ପୋଖରୀରେ ପଡ଼ି ଶିଶୁପୁତ୍ର ମୃତ

**ପଦ୍ମପୁର, ୨୪।୧ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଜଗନ୍ନାଥପ୍ରସାଦ ପଞ୍ଚାୟତ ମିଶ୍ରପୁର ଗ୍ରାମର ବାପି ଦତ୍ତଙ୍କ ଦେଢ଼ବର୍ଷର ଶିଶୁପୁତ୍ର ଅର୍ଜୁନ ଗୁରୁବାର ସକାଳେ ପୋଖରୀରେ ପଡ଼ି ପ୍ରାଣ ହରାଇଛନ୍ତି। ସେ ସକାଳେ ଘର ପାଖରେ ଖେଳୁଥିବା ବେଳେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ଘର ସାମ୍ନାରେ ଥିବା ପୋଖରୀରୁ ତାଙ୍କ ମୃତଦେହ ଉଦ୍ଧାର କରିଥିଲେ। ଖବର ପାଇ ନାୟକାଣିଡିହୀ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧/୧୯) ରୁଜୁ କରି ତଦନ୍ତ ଚଳାଇଛି।

### ବିଦ୍ୟାଳୟ ହତାରୁ ଗଛ କଟା ଅଭିଯୋଗ

**ଧାମନଗର, ୨୪।୧ (ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ବ୍ଲକ ଅନ୍ତର୍ଗତ ଭଗବାନପୁର ପଞ୍ଚାୟତ ଇଛଦା ବ୍ରହ୍ମପୁର ପ୍ରାଥମିକ ବିଦ୍ୟାଳୟ ହତାରୁ କେତେକ ଗଛ କଟାଯାଇଥିବା ନେଇ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବିଦ୍ୟାଳୟ ପରିଚାଳନା କମିଟି ଏବଂ ସ୍ଥାନୀୟ ଲୋକେ ଧାମନଗର ତହସିଲଦାର, ଜିଲାପାଳ ଏବଂ ବନ ବିଭାଗ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି ଯେ, ପରିଚାଳନା କମିଟି କିମ୍ବା ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରା ନ ଯାଇ ଗଛ କାଟି ବିକ୍ରି କରିଦିଆଯାଇଛି। ପରିଚାଳନା କମିଟି ଏ ସମ୍ପର୍କରେ ପଚାରିବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କୁ ବେଖାତିର ଭାବେ କଥାବାର୍ତ୍ତା କରିଥିଲେ। ବନ ବିଭାଗ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଗୁରୁବାର ସନ୍ଧ୍ୟାରେ କଟା ଯାଇଥିବା କେତୋଟି ଗଛ ଜବତ କରାଯାଇଥିବା ସୂଚନା ମିଳିଛି।

### ନେତାଜୀ ଜୟନ୍ତୀରେ ବିଭିନ୍ନ ପ୍ରତିଯୋଗିତା

**ଆରଡ଼ି, ୨୪।୧ (ଡି.ଏନ.ଏ.):** ଧାମନଗର ବ୍ଲକ ବେତାଳିଗାଁ ହାଟଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଭାତ ଫେରୀ ଓ ଛାତ୍ରୀଛାତ୍ରଙ୍କ ପରେଡ ଅନୁଷ୍ଠିତ ହୋଇଥିଲା। ୧୫ଟି ସ୍କୁଲ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ପୂର୍ବତନ ସେନା ଅଧିକାରୀ କାଶୀନାଥ ମହାନ୍ତି, ପୂର୍ବତନ ସରପଞ୍ଚ ଅନୀଲ କୁମାର ଦାସ ପ୍ରମୁଖ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବକ୍ତୃତା, ସଂଗୀତ ଓ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା। ନେତାଜୀ ଜୟନ୍ତୀ କମିଟି ସଭାପତି ବିଦ୍ୟାଧର ବାରିକଙ୍କ ଅଧ୍ୟକ୍ଷତାରେ ସାଧାରଣ ସଭା ହୋଇଥିଲା। ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ଅଟଳ ବିହାରୀ ନାୟକ ମୁଖ୍ୟଅତିଥି, ଫେଲୋସଫି ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି ମୁଖ୍ୟବକ୍ତା, ଭଦ୍ରକ ଜିଲା ଲେଖକ ସାମ୍ମୁଖ୍ୟ ସମ୍ପାଦକ ଅଧ୍ୟାପକ ନୀହାର ରଞ୍ଜନ କର ଓ ସାହିତ୍ୟିକ ମନ୍ମଥ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ମୃତ୍ୟୁଞ୍ଜୟ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ନିକୁଞ୍ଜ କିଶୋର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ପଞ୍ଚାନନ ମିଶ୍ର, ସମିତିସଭ୍ୟ ରମେଶ ବେହେରା, ତପନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଅଚଳ ପଡ଼ିଛି 'ଜୀବନଧାରା'

**ବାସୁଦେବପୁର, ୨୪।୧ (ଡି.ଏନ.ଏ.)**



ଅଚଳ ପାନୀୟ ଜଳ ପ୍ରକଳ୍ପ।

- ପାନୀୟ ଜଳ ପାଇଁ ଲୋକେ ହଇରାଣ
- କାର୍ଯ୍ୟକ୍ଷମ ଦିଗରେ ନିଆଯାଉନି ପଦକ୍ଷେପ
- ମରାମତି ଦାବି

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ପକ୍ଷରୁ ବ୍ଲକରୋଡର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗେଟ୍‌ରେ ସହରାଞ୍ଚଳ ଲୋକ, ସ୍କୁଲ ଛାତ୍ରୀଛାତ୍ର, ବ୍ଲକରୋଡର ବ୍ୟବସାୟୀ ଓ ବାଟୋଇଙ୍କ ପାଇଁ କରାଯାଇଥିବା ବିଶୁଦ୍ଧ ଥଣ୍ଡା ପାନୀୟଜଳ ପ୍ରକଳ୍ପ(ଜୀବନଧାରା) ୬ ମାସ ଧରି ଅଚଳ ହୋଇପଡ଼ିଛି। ଫଳରେ ଏହା ଉପରେ ନିର୍ଭର କରୁଥିବା ଶହ ଶହ ଛାତ୍ରୀଛାତ୍ର, ଯାତ୍ରୀ ଓ ବ୍ଲକରୋଡର ୨ ଶହରୁ ଊର୍ଦ୍ଧ୍ୱ ବ୍ୟବସାୟୀଙ୍କ ଲାଗି ପ୍ରକଳ୍ପ ଏବେ ମୂଲ୍ୟହୀନ ହୋଇଛି। ଏହାକୁ ମରାମତି ଓ କାର୍ଯ୍ୟକ୍ଷମ କରିବା ଦିଗରେ ପୌରପାଳିକା ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ପାଣି ଟୋପାଏ ପାଇଁ ସହରବାସୀ, ବ୍ୟବସାୟୀ ଓ ଛାତ୍ରୀଛାତ୍ର ପ୍ରତିଦିନ ନିରାଶ ହୋଇ ଫେରୁଛନ୍ତି। ଏହି ପ୍ରକଳ୍ପ ଉପରେ ଥିବା ପାଣିଟାଙ୍କି ଫାଟିଯାଇଥିବାବେଳେ ଏହା ଉପରେ ଢାଙ୍କୁଣି ମଧ୍ୟ ନାହିଁ। ପ୍ରକଳ୍ପର ମେଶିନ ପାଣି ଉପରକୁ ଉଠାଉ ନାହିଁ।

ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଏହି ପାନୀୟଜଳ ପ୍ରକଳ୍ପ କୌଣସି କାମରେ ଆସୁନି। ଲୋକଙ୍କୁ ସେବା ଯୋଗାଇବା ସକାଶେ ରାଜ୍ୟ ସରକାର ବିଭିନ୍ନ ଯୋଜନା କରୁଥିବା ବେଳେ ସହର ମଧ୍ୟରେ ଅଚଳ ହୋଇ ପଡ଼ିରହିଥିବା ପାନୀୟଜଳ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରାଯାଉ ନ ଥିବା ନେଇ ବ୍ୟବସାୟୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବ୍ଲକ ରୋଡର ୨ ଶହରୁ ଊର୍ଦ୍ଧ୍ୱ ବ୍ୟବସାୟୀ ଟୋପାଏ ପାଣି ପାଇଁ ହଇରାଣ ହେଉଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି। ପ୍ରକଳ୍ପ ବନ୍ଦ ରହିଥିବାରୁ ଏହାର ପାଣିନାଳ ଓ କାନ୍ଥ ଏବେ ପରିସ୍ରାଗାର ଭାବେ ବ୍ୟବହାର ହେବାକୁ ବସିଲାଣି। ବ୍ୟବସାୟୀ, ଛାତ୍ରୀଛାତ୍ର ଓ ଯାତ୍ରୀଙ୍କ ଗୁରୁତ୍ୱକୁ ଉପଲବ୍ଧି କରି ଏଠାରେ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ କରାଯାଇଥିଲା। ଏହା ଅଚଳ ହୋଇପଡ଼ିଥିବାରୁ ସହରରେ ପାନୀୟ ଜଳର ମୌଳିକ ସମସ୍ୟା ଦୂର ହୋଇପାରୁନି ବୋଲି ସ୍ଥାନୀୟ ବ୍ୟବସାୟୀ ମୃତ୍ୟୁଞ୍ଜୟ ଅଗସ୍ତୀ କହିଛନ୍ତି। ସେହିପରି ଅନ୍ୟ ଜଣେ ବ୍ୟବସାୟୀ ସୁଶାନ୍ତ ବେହେରା ଏହି ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରାଗଲେ ସାଧାରଣ ଲୋକଙ୍କ ପାନୀୟ ଜଳ ସମସ୍ୟା ଦୂର ହୋଇପାରନ୍ତା ବୋଲି ମତ ପ୍ରକାଶ କରିଛନ୍ତି। ଉକ୍ତ ପ୍ରକଳ୍ପ ତୁରନ୍ତ ମରାମତି କରାଯିବାକୁ ସେ ଦାବି ଜଣାଇଛନ୍ତି। ଏ ସମ୍ପର୍କରେ ପୌରପାଳିକା ନିର୍ବାହୀ ଅଧିକାରୀ ସମରେନ୍ଦ୍ର ଗ୍ରହାଚାର୍ଯ୍ୟଙ୍କୁ ପଚାରିବାରୁ ଏ ଦିଗରେ ପଦକ୍ଷେପ ନିଆଯାଇ ଖୁବ୍‌ଶୀଘ୍ର ପାନୀୟଜଳ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରାଯିବ ବୋଲି କହିଛନ୍ତି।

# ବିଛଣାରୁ ମହିଳାଙ୍କ ମୃତଦେହ ଉଦ୍ଧାର

**ଚାନ୍ଦବାଲି, ୨୪।୧ (ଡି.ଏନ.ଏ.)**

### ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକେ

ଭଦ୍ରକ ଜିଲା ବାଂଶଡ଼ା ଥାନା ଅଧୀନ ଖଦାଳପୋଖରୀ ଗାଁର ଜଣେ ମହିଳାଙ୍କ କ୍ଷତବିକ୍ଷତ ମୃତଦେହ ତାଙ୍କ ଶୋଇବା ଘର ବିଛଣାରୁ ପୋଲିସ ଗୁରୁବାର ସକାଳେ ଉଦ୍ଧାର କରିଛି। ଏଥିସହ ଗୁରୁତର ଅବସ୍ଥାରେ ତାଙ୍କ ସ୍ୱାମୀଙ୍କୁ ଉଦ୍ଧାର କରାଯାଇଛି। ଏହା ଏକ ହତ୍ୟାକାଣ୍ଡ ଓ ଯଜ୍ଞରେ ବଳି ଦେବା ଉଦ୍ଦେଶ୍ୟରେ ତାଙ୍କ ଝିଅକୁ ମାରି ଦିଆଯାଇଥିବା ମୃତା ମହିଳାଙ୍କ ବାପା ବାଂଶଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ହତ୍ୟା ମାମଲା(ନଂ.୧୬/୧୯) ରୁଜୁ କରି ମହିଳାଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତାଙ୍କ ସ୍ୱାମୀଙ୍କୁ ଚିକିତ୍ସା ନିମନ୍ତେ ଭଦ୍ରକ ଡାକ୍ତରଖାନାକୁ ପଠାଇଛି।

ପୋଲିସ ସୂଚନା ଅନୁସାରେ, ବାଂଶଡ଼ା ଥାନା ଅନ୍ତର୍ଗତ ଶଶିକାଦେଇପୁର ଗାଁର ଲକ୍ଷ୍ମୀଧର ନାୟକଙ୍କ ଝିଅ ରଶ୍ମିତା(୨୮) ୨୦୧୬ରେ ଖଦାଳପୋଖରୀ ଗାଁର ବିଦ୍ୟାଧର ନାୟକଙ୍କ ପୁଅ ପ୍ରହଲ୍ଲାଦଙ୍କୁ ବିବାହ କରିଥିଲେ। ସେମାନଙ୍କର ବର୍ଷକର ଝିଅ ମଧ୍ୟ ଅଛି। ରଶ୍ମିତାଙ୍କ ଶାଶୁଘର ଲୋକଙ୍କଠାରୁ ଗୁରୁବାର ସକାଳେ ଖବର ପାଇ ଲକ୍ଷ୍ମୀଧର ଖଦାଳପୋଖରୀରେ ପହଞ୍ଚି ତାଙ୍କ ଝିଅ ଶୋଇବା ବିଛଣାରେ ମରି ପଡ଼ିଥିବା ଦେଖିଥିଲେ। ରଶ୍ମିତାଙ୍କ ବେକର ବିଭିନ୍ନ ସ୍ଥାନରେ ଧାରୁଆ ଅସ୍ତ୍ରରେ କଟାଯାଇଥିବା ସେ ଦେଖିଥିଲେ। ବୁଧବାର ରାତିରେ ପ୍ରହଲ୍ଲାଦଙ୍କ ଘରେ ଏକ ଯଜ୍ଞ ହେଉଥିଲା। ତାଙ୍କ ଝିଅକୁ ମାରି ବଳି ଦିଆଯାଇଛି ଏବଂ ଏଥିରେ ତାଙ୍କ ଶାଶୁଘର ଲୋକ ସମ୍ପୃକ୍ତ ଥିବା ଲକ୍ଷ୍ମୀଧର ଅଭିଯୋଗରେ ଦର୍ଶାଇଛନ୍ତି। ପ୍ରହଲ୍ଲାଦଙ୍କର ମାନସିକ ବିକୃତି ଥିଲା। ସେଥିପାଇଁ ବୁଧବାର ରାତିରେ ଜଣେ ତାନ୍ତ୍ରିକ ଆସି ପୂଜାପାଠ କରିଥିବା ସମ୍ପର୍କରେ ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ମସ୍ତିଷ୍କ ବିକୃତି କାରଣରୁ ପ୍ରହଲ୍ଲାଦ ସ୍ତ୍ରୀଙ୍କ ବେକକୁ ଧାରୁଆ ଅସ୍ତ୍ରରେ କାଟି ହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି।

■ ଭଣ୍ଡାରିପୋଖରୀ ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ସମାରୋହ

# 'କବିତା ସ୍ୱତଃସ୍ଫୂର୍ତ୍ତ ଭାବନାର ପରିପ୍ରକାଶ'



ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଉପସ୍ଥିତ ଅତିଥିମାନେ।

**ଭଣ୍ଡାରିପୋଖରୀ, ୨୪।୧ (ଡି.ଏନ.ଏ.)**

କବି ଜଣେ ସ୍ରଷ୍ଟା। ତାଙ୍କ ସୃଷ୍ଟି ସମାଜରେ ପରିବର୍ତ୍ତନ ଆଣେ। କବିତାଟିଏ ଲେଖିବା ପୂର୍ବରୁ ଶହେ କବିତା ପଢ଼ିବା ଉଚିତ। କବିତାରେ ସାମାଜିକ ଆଧ୍ୟାତ୍ମିକ ବାର୍ତ୍ତା ପ୍ରସ୍ଫୁଟିତ ହେବା ଦରକାର। ଯେଉଁ କବି ଗେଣ୍ଡୁମାଳ ବା ଉତ୍ତରୀୟ ପାଇଁ ବ୍ୟାକୁଳ ସେ କେବେ କବି ହୋଇପାରିବେନି, କବିତା ଏକ ସ୍ୱତଃସ୍ଫୂର୍ତ୍ତ ଭାବନାର ପରିପ୍ରକାଶ। ଶବ୍ଦକୁ ସଂଯୋଜନା କରି ତାକୁ ରୂପ ଦେଲେ ଏହା ଜୀବନ୍ତ ହୋଇଥାଏ ବୋଲି ଭଣ୍ଡାରିପୋଖରୀ ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀର ୩ୟ ଦିବସ ଆଲୋଚନାଚକ୍ରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଗୁରୁବାର ପ୍ରଥମ ଅଧିବେଶନରେ 'କବି ଓ କବିତା' ଶୀର୍ଷକ ଆଲୋଚନାଚକ୍ରକୁ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଓ କବି ଅଚ୍ୟୁତାନନ୍ଦ ସାମଲ ଉଦ୍‌ଘାଟନ କରିଥିଲେ। ଡ. ସୁରେନ୍ଦ୍ର ମିଶ୍ର ସଭାପତିତ୍ୱ କରିଥିଲେ। ବିଶିଷ୍ଟ ସାହିତ୍ୟିକ ଡ. ହୃଷୀକେଶ ମଲିକ ମୁଖ୍ୟଅତିଥି, ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡା ମୁଖ୍ୟବକ୍ତା, ବିଶିଷ୍ଟ କବି ନାରାୟଣ ଚନ୍ଦ୍ର ସାମଲ, ରାଜ୍ୟପାଳ ପୁରସ୍କୃତ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଡ. କ୍ଷୀରୋଦ ସାମଲ, ପ୍ରଫେସର ରାଜକିଶୋର ସାହୁ, ହାସ୍ୟ ଅଭିନେତା ହରିହର ମହାପାତ୍ର, ଭଣ୍ଡାରିପୋଖରୀ କଲେଜ ଅଧ୍ୟକ୍ଷ ଭରତ କରଣ, ନାଟ୍ୟଶ୍ରୀ ନିର୍ମଳ ରାଉତ, ପବନ କୁମାର ନାୟକ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ୟାମସୁନ୍ଦର ପଣ୍ଡାଙ୍କ ସଂଯୋଜନାରେ ସୁରେନ୍ଦ୍ର ଦାସ ଅତିଥି ପରିଚୟ ପ୍ରଦାନ ଓ ସ୍ମିତାରେଖା ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। କବି ପୁରୁଷୋତ୍ତମ ଧଳ, ଜଗନ୍ନାଥ ସାମଲ, ଗୋଲକ ମହାନ୍ତି, ରମାକାନ୍ତ ବେହେରା, ନଟବର ରାଉଳ, ଜଗନ୍ନାଥ ପଣ୍ଡା, ରମାକାନ୍ତ ଲେଙ୍କା, ନରହରି ମହାନ୍ତି, ପବନ କୁମାର ନାୟକ, ସୁଧାଂଶୁ ମିଶ୍ର, ନାରାୟଣ ପୋଥାଳ ପ୍ରମୁଖ କବିତା ପାଠ କରିଥିଲେ। ସୁବର୍ଣ୍ଣ ଜୟନ୍ତୀ ସମାରୋହ କମିଟି କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପ୍ରକଳ୍ପ ଲାଗି ଜମି ଯୋଗାଣରେ ଅବହେଳା

**ପ୍ରତିବାଦରେ ଧାରଣା**

**ଭଦ୍ରକ ଅଫିସ,୨୪।୧**

ଭାରତୀୟ ତୈଳ ନିଗମ ପକ୍ଷରୁ ଭଦ୍ରକରେ ପ୍ରସ୍ତାବିତ ବୟନ ଓ ବସ୍ତ୍ରଶିଳ୍ପ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ତଥା ଜିଲା ପ୍ରଶାସନ ଜମି ପ୍ରଦାନରେ ଅବହେଳା କରୁଛନ୍ତି। ଏହାର ପ୍ରତିବାଦରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଗୁରୁବାର ଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଧାରଣା ଆରମ୍ଭ ହୋଇଛି। ଏହି ଧାରଣା ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବା ପରେ ୨୮ ତାରିଖରେ ଭଦ୍ରକ ବନ୍ଦ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଭାଜପା ଯୁବମୋର୍ଚ୍ଚା ଜିଲା ସଭାପତି ସୁରେଶ ସାମଲଙ୍କ ନେତୃତ୍ୱରେ ଜିଲା ସଭାପତି ବଦ୍ରିନାରାୟଣ ଧଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମାଧବାନନ୍ଦ ମଲ୍ଲିକ, ଭାସ୍କର ସାହୁ, ସାଧାରଣ ସମ୍ପାଦକ ପ୍ରଦୀପ ମହାନ୍ତି, ସରୋଜ ରାଉତ, ପ୍ରଭାତ ଜେନା, ଜିଲା ମହିଳାମୋର୍ଚ୍ଚା ସଭାନେତ୍ରୀ ମନସ୍ମିତା ଖୁଣ୍ଟିଆ, ଯୁବମୋର୍ଚ୍ଚା ପ୍ରଭାରୀ ଶରତ ପଢ଼ିଆରୀ, ଶରତ କବି, ସବର ଅଲ୍ଲୀ ଖାଁ, ମହେଶ୍ୱର ଧଳ, ସବିତା ବରାଳ, ପୁଷ୍ପାଞ୍ଜଳୀ ବରାଳ ପ୍ରମୁଖ ସାମିଲ ଥିଲେ।

# ଶିଶୁ ଯତ୍ନ ଅନୁଷ୍ଠାନରେ ଉଦ୍ଧାର ଶିଶୁକନ୍ୟା

**ଭଦ୍ରକ ଅଫିସ, ୨୪।୧**

ଭଦ୍ରକ ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କ ନିର୍ଦ୍ଦେଶକ୍ରମେ ଚାଇଲ୍ଡ ଲାଇନ ଓ ଟାଉନ ଥାନା ପୋଲିସ ଗୁରୁବାର ମିଳିତ ଭାବେ ଚଢ଼ାଉ କରି ସହରର ବାଗୁରାଇ ହାଇସ୍କୁଲ ନିକଟସ୍ଥ ପଦ୍ମଲୋଚନ ସିଲ୍‌ଙ୍କ ଘରୁ ମାସେ ୨୨ଦିନର ଏକ ଶିଶୁକନ୍ୟାକୁ ଉଦ୍ଧାର କରିଛନ୍ତି। ଉଦ୍ଧାର ଶିଶୁର ସ୍ୱାସ୍ଥ୍ୟ ପରୀକ୍ଷା ପରେ ଶିଶୁ ମଙ୍ଗଳ କମିଟିରେ ଉପସ୍ଥାପନ କରାଇ ବାତ୍ସଲ୍ୟ ଶିଶୁଯତ୍ନ ଅନୁଷ୍ଠାନକୁ ହସ୍ତାନ୍ତର କରାଯାଇଥିବା ସୂଚନା ଦିଆଯାଇଛି।

ମିଳିଥିବା ସୂଚନା ମୁତାବକ ଶିଶୁଟିକୁ ପାଳିବା ଉଦ୍ଦେଶ୍ୟରେ ପଦ୍ମଲୋଚନ ଜିଲା ଚିକିତ୍ସାଳୟ ନିକଟରୁ ଜଣେ ମହିଳାଙ୍କଠାରୁ ଆଣି ଘରେ ରଖିଥିଲେ। ଏ ସମ୍ପର୍କରେ ପ୍ରଶାସନ ନିକଟରେ ଖବର ପହଞ୍ଚିବା ପରେ ଗୁରୁବାର ପୂର୍ବାହ୍ନରେ ଚଢ଼ାଉ କରାଯାଇ ଶିଶୁକନ୍ୟାଙ୍କୁ ଉଦ୍ଧାର କରାଯାଇଥିଲା। ପଦ୍ମଲୋଚନ ନିଃସନ୍ତାନ ଥିବାରୁ ଅନ୍‌ଲାଇନ ଯୋଗେ ପୋଷ୍ୟସନ୍ତାନ ପାଇଁ ଦୀର୍ଘବର୍ଷ ଧରି ଆବେଦନ କରିଆସୁଥିଲେ। ସରକାରୀ ଭାବେ ତାଙ୍କୁ ପୋଷ୍ୟସନ୍ତାନ ନ ମିଳିବାରୁ ସେ ଜଣେ ମହିଳାଙ୍କଠାରୁ ଏହି ଶିଶୁକନ୍ୟାଙ୍କୁ ଆଣି ଘରେ ରଖିଥିବା କହିଥିଲେ। ଘଟଣାର ତଦନ୍ତ କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ସୁଦର୍ଶନ ବାରିକ କହିଛନ୍ତି। ଟାଉନ ଥାନା ପୋଲିସ ସମେତ ଚାଇଲ୍ଡ ଲାଇନର ରିଆଜ ଅହମ୍ମଦ, ବିକାଶ ରାଉତ, ଅଫିଫା ଖାତୁନ ଚଢ଼ାଉରେ ସାମିଲ ଥିଲେ।

# ୨୮ରୁ ଅନଶନରେ ବସିବେ ଏମ୍‌ବିକେ, ସିଆର୍‌ପି

**ଭଦ୍ରକ ଅଫିସ, ୨୪।୧**

ଭଦ୍ରକ ଜିଲାରେ ଓଡ଼ିଶା ଜୀବିକା ମିଶନ କମ୍ୟୁନିଟି ଭିତ୍ତିକ ସଂଗଠନରେ କାର୍ଯ୍ୟରତ ବାସୁଦେବପୁର, ଚାନ୍ଦବାଲି ଓ ଭଦ୍ରକ ବ୍ଲକର ମାଷ୍ଟର ବୁକ କିପର(ଏମ୍‌ବିକେ) ଓ କମ୍ୟୁନିଟି ରିସୋର୍ସ ପର୍ସନ(ସିଆର୍‌ପି)ଙ୍କର ଏକ ପ୍ରସ୍ତୁତି ବୈଠକ ନେହେରୁ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାନେତ୍ରୀ ଅଲିଭା ମହାନ୍ତି ସଭାପତିତ୍ୱ କରିଥିଲେ। ଜିଲାରେ କାର୍ଯ୍ୟରତ ଏମ୍‌ବିକେ ଓ ସିଆର୍‌ପିମାନେ ଆସନ୍ତା ୨୮ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ହେବାକୁ ଥିବା ଅନଶନ ସମ୍ପର୍କରେ ଆଲୋଚନା କରିଥିଲେ।

୨୦୦୯ରୁ ତୃପ୍ତି ଯୋଜନା ଅଧୀନରେ କାର୍ଯ୍ୟ କରି ଆସି ୨୦୧୮ ଓଡ଼ିଶା ଜୀବିକା ମିଶନରେ କାର୍ଯ୍ୟ କରି ମହିଳା ସଶକ୍ତୀକରଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଆସୁଥିଲେ ମଧ୍ୟ ସେମାନଙ୍କୁ ସରକାରୀସ୍ତରରେ ଆଶାତୀତ ଦରମା ତଥା ଅନ୍ୟାନ୍ୟ ସୁବିଧା ସୁଯୋଗ ଦିଆଯାଉ ନାହିଁ। ପଞ୍ଚାୟତସ୍ତରରେ ମହିଳା ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ଋଣ ପ୍ରଦାନ ଓ ପରିଶୋଧ, ଡିଡିୟୁକେୱାଇ, ବ୍ୟାଙ୍କ ଲିଙ୍କେଜ, ଜୀବିକା ମିଶନ, ଡାଟାଏଣ୍ଟ୍ରି, ସ୍ୱଚ୍ଛ ଭାରତ ମିଶନ, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ମିଶନ ଶକ୍ତିର ସମସ୍ତ କାର୍ଯ୍ୟ ଗ୍ରାମାଞ୍ଚଳରେ ସିଆର୍‌ପିମାନେ କରୁଥିବା ସତ୍ତ୍ୱେ ମାସକୁ ମାତ୍ର ୩ ହଜାର ଟଙ୍କା ସେମାନଙ୍କୁ ପ୍ରଦାନ କରାଯାଉଛି। ସରକାରୀସ୍ତରରେ ୫ ଦଫା ଦାବି ପୂରଣ ପ୍ରତି ଗୁରୁତ୍ୱ ଦିଆଯାଉ ନାହିଁ। ଏ ନେଇ ଗତ ୧୯ ତାରିଖରୁ ଜିଲାରେ କାର୍ଯ୍ୟରତ ସମସ୍ତ ଏମ୍‌ବିକେ ଓ ସିଆର୍‌ପି କାର୍ଯ୍ୟବନ୍ଦ ଆନ୍ଦୋଳନ କରିଆସୁଛନ୍ତି। ଆସନ୍ତା ୨୮ରୁ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆମରଣ ଅନଶନ କରିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସେମାନେ ଓଏଲ୍‌ଏମ୍ ଡାଇରେକ୍ଟର ଓ ବିପିଏମ୍‌ଙ୍କୁ ଲିଖିତ ଭାବେ ଅବଗତ କରାଇଛନ୍ତି। ଏମ୍‌ବିକେ ଓ ସିଆର୍‌ପି ସଂଘର ସମ୍ପାଦିକା ସରସ୍ୱତୀ ମହାପାତ୍ର, ସଭାନେତ୍ରୀ ଅଲିଭା ମହାନ୍ତି, ଉପସଭାପତି ସୁଷମା ବଳ, ଯୁଗ୍ମ ସମ୍ପାଦିକା ବିନୋଦିନୀ ପାଣିଗ୍ରାହୀ, କୋଷାଧ୍ୟକ୍ଷ ରମିତା ପାତ୍ରୀ ଓ ବିଜୟାଲକ୍ଷ୍ମୀ ଜେନାଙ୍କ ସମେତ ୩୬ଟି ପଞ୍ଚାୟତର ୩୬ ଏମ୍‌ବିକେ ଓ ୨୦୦ ସିଆର୍‌ପି ବୈଠକରେ ଉପସ୍ଥିତ ଥିଲେ।

# 'ଜୀବଜଗତର ଭାରସାମ୍ୟ ରକ୍ଷା କରେ ଉଦ୍ଭିଦ'

**ତିହିଡ଼ି, ୨୪।୧ (ଡି.ଏନ.ଏ.)**




ପ୍ରାଧ୍ୟାପକ ଡ. ପଦ୍ମକାନ୍ତ ଧଳଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ତିହିଡ଼ି ବ୍ଲକ ପାଳିଆବିନ୍ଧା ସ୍ଥିତ ବିରଞ୍ଚିନାରାୟଣ ମାଧବ ଅର୍ଜୁନ କଲେଜ ଉଦ୍ଭିଦ ବିଜ୍ଞାନ ବିଭାଗର ସେମିନାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଡ. ପଦ୍ମକାନ୍ତ ଧଳଙ୍କୁ ଅବସର ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଧ୍ୟକ୍ଷ ପ୍ରାଧ୍ୟାପକ କମଳାକାନ୍ତ ବିଶ୍ୱାଳ ପୌରୋହିତ୍ୟ କରିଥିଲେ। ଛାତ୍ରୀ ଅର୍ଚ୍ଚନା ପାଣିଗ୍ରାହୀ, ପ୍ରଯୁକ୍ତା ବିଶ୍ୱାଳ, ପ୍ରଣତି ସାହୁ, ଶୁଭଶ୍ରୀ ପାତ୍ର, କାହ୍ନୁଚରଣ ଦାସ, ଜ୍ୟୋତିପ୍ରକାଶ ମହାନ୍ତି ଓ ଅଙ୍କିତା ବିଶ୍ୱାଳ ନିଜର ଗବେଷଣାତ୍ମକ ଅଭିମତ ପ୍ରକାଶ କରିଥିଲେ। ପ୍ରାଧ୍ୟାପକ ଡ. ପଦ୍ମକାନ୍ତ ଧଳ ଯୋଗଦେଇ ଉଦ୍ଭିଦ ଜୀବଜଗତର ଭାରସାମ୍ୟ ରକ୍ଷା କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଛାତ୍ର ଆଶୁତୋଷ ପାତ୍ର, ଜାନକୀ ପୃଷ୍ଟି, ସ୍ମୃତିରଞ୍ଜନ ସାହୁ ପ୍ରମୁଖ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ପ୍ରାଧ୍ୟାପକ ଅମୂଲ୍ୟ ପରିଡ଼ା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଧଳଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଛାତ୍ର କାହ୍ନୁଚରଣ ଦାସ, ଅର୍ଚ୍ଚନା ପାଣିଗ୍ରାହୀ, ସ୍ୱପ୍ନପ୍ରଭା ନାୟକ, ବନଶ୍ରୀ ବେହେରା ଓ ଭାରତୀ ସାହୁ ବିଦାୟକାଳୀନ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଆ ଅଧ୍ୟାପକ ବିଶ୍ୱରଞ୍ଜନ ଦାସ ଯୋଗ ଦେଇଥିଲେ। ଅଧ୍ୟାପକ ପ୍ରଦୀପ କୁମାର ମିଶ୍ର, ଭାଗୀରଥି ଜେନା, କର୍ମଚାରୀ ହୃଷୀକେଶ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡେମୋନଷ୍ଟ୍ରେଟର ରଶ୍ମିରଞ୍ଜନ ବେହେରା ଧନ୍ୟବାଦ ଦେଇଥିଲେ।

### ୨୭ରୁ ସାବରଙ୍ଗ ସରକାରୀ ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ

**ଭଦ୍ରକ ଅଫିସ, ୨୪।୧**

ଭଦ୍ରକ ବ୍ଲକ ସାବରଙ୍ଗ ସରକାରୀ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଆସନ୍ତା ୨୭ ତାରିଖରୁ ଆରମ୍ଭ ହେବ। ୨୯ ତାରିଖ ପର୍ଯ୍ୟନ୍ତ ଉତ୍ସବ ଚାଲିବ। ଗୀତା ଭବନ ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ରୂପରେଖର ସୂଚନା ଦିଆଯାଇଛି। ସୁବର୍ଣ୍ଣ ଜୟନ୍ତୀ କମିଟି ସମ୍ପାଦକ ତଥା ପ୍ରଧାନ ଶିକ୍ଷକ ବାଦଲ କିଶୋର ମହାପାତ୍ର, ସଭାପତି ପୂର୍ଣ୍ଣଚନ୍ଦ୍ର ଦାସ, କୋଷାଧ୍ୟକ୍ଷ ବାବାଜୀ ଚରଣ ସାମଲଙ୍କ ସମେତ ବହୁ ପୁରାତନ ଛାତ୍ର ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

■ ଜାତୀୟ ଶିଶୁକନ୍ୟା ଦିବସ

# ପ୍ରତିଭା ଦେଖାଇଲେ ଛାତ୍ରୀ

**ଭଦ୍ରକ ଅଫିସ, ୨୪।୧**

ଭଦ୍ରକ ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ସଂସ୍କୃତି ଭବନ ପରିସରରେ ଜାତୀୟ ଶିଶୁକନ୍ୟା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ଶିଶୁଗୃହ, କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଅନ୍ତେବାସୀଙ୍କ ମଧ୍ୟରେ ଏକକ ସଂଗୀତ, ଚିତ୍ରାଙ୍କନ, ଦଳଗତ ନୃତ୍ୟ ଓ ଏକକ ଅଭିନୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଛାତ୍ରୀମାନେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ। ଶିଶୁକନ୍ୟା ସମେତ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଓ ସଦସ୍ୟଙ୍କ ଦ୍ୱାରା ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ। ବିଚାରକ ଭାବେ ସଂଗୀତଜ୍ଞ ସୁବୋଧ ନାୟକ, ପୁଷ୍ପମିତ୍ରା ବେହେରା, ବିଶ୍ୱବ୍ରତ ଚକ୍ରବର୍ତ୍ତୀ, ନାରାୟଣ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ଡେପୁଟି କଲେକ୍ଟର ଜୟଶ୍ରୀ ସେନାପତି, ଅନ୍ୟତମ ଅତିଥି ଭାବେ ଡ. ସୁଦର୍ଶନ ବାରିକ, କମଳାକାନ୍ତ ସ୍ୱାଇଁଙ୍କ ସମେତ ଶିଶୁ ମଙ୍ଗଳ କମିଟି ସଦସ୍ୟ ପ୍ରମୁଖ ଯୋଗଦେଇ ଶିଶୁକନ୍ୟାମାନେ କିଭଳି ନିଜର ପାରଦର୍ଶିତା ଦେଖାଇ ଚନ୍ଦ୍ରପୃଷ୍ଠରେ ଅବତରଣ କରିପାରିଛନ୍ତି ସେ ସମ୍ପର୍କରେ ଉଦାହରଣ ରଖିଥିଲେ। ଶିଶୁ ସୁରକ୍ଷା ୟୁନିଟର ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ ପ୍ରତିଯୋଗିତା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀମାନଙ୍କୁ ଚୟନ କରାଯାଇ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ଅନୁଷ୍ଠାନର ଅନ୍ତେବାସୀ, ଅଙ୍ଗନୱାଡି କର୍ମୀ, ମହିଳା ଗୋଷ୍ଠୀ, ସ୍ୱାସ୍ଥ୍ୟକର୍ମୀ, ଚାଇଲ୍ଡ ଲାଇନ, ପ୍ରଗତି ଯୁବକ ସଂଘ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ଆନୁଷ୍ଠାନିକ ଅଧିକାରୀ ବିଶ୍ୱନାରାୟଣ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ମେଗା ରକ୍ତଦାନ ଶିବିର: ୯୫୦ ୟୁନିଟ ସଂଗ୍ରହ

**ଭଦ୍ରକ ଅଫିସ, ୨୪।୧**



ଶିବିରରେ ରକ୍ତଦାନ କରାଯାଉଛି।

ଭଦ୍ରକର ପ୍ରସିଦ୍ଧ ଧର୍ମଗୁରୁ ସୈୟଦ ଶାହା ୱାସିମ ଅଖ୍‌ତର କାଦରୀ(ସାନ ସରକାର ବାବା)ଙ୍କ ୬୪ ତମ ଜନ୍ମ ଦିବସରେ ଗୁରୁବାର ଅଖିଳ ଭାରତୀୟ ଦୁଃଖୀ ସମାଜ ପକ୍ଷରୁ ମେଗା ରକ୍ତଦାନ ଶିବିର ସାଙ୍ଗକୁ ସମଗ୍ର ସହର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସକାଳ ୬ରୁ ୯ଟା ପର୍ଯ୍ୟନ୍ତ ସହରର ସମସ୍ତ ଗଳିକନ୍ଦି ସଫେଇ କରାଯାଇଥିଲା। ସଭାପତି ଇଂ. ମନାୱର ହୋସେନ, ସମ୍ପାଦକ ରେଜା-ଏ-ରସୁଲ, ହାଜୀ ମହମ୍ମଦ ଅବଦୁଲ ବାରୀ, ସଏଫ୍ ଅଲ୍ଲୀ, ମହମ୍ମଦ ଅତାଉଲ୍ଲା, ମହମ୍ମଦ ଇକ୍‌ବାଲ ଖାଁ, ମହମ୍ମଦ ଜକାଉଲ୍ଲା, ହରି ନନ୍ଦୀ ଓ ଯୁବନେତା ସଞ୍ଜୀବ ମଲ୍ଲିକଙ୍କ ନେତୃତ୍ୱରେ ପୁରୁଣାବଜାର, ଶଙ୍କରପୁର, ନଙ୍ଗାମହଲା, ସନ୍ଥିଆ, ହଜାରୀ ନଗର, ହେଲାସାହି, ମୁଲ୍ଲାସାହି, କଦମ୍ବବେଡା, କଚେରି ବଜାର ହୋଇ ନୂଆବଜାରସ୍ଥିତ ମୁଖ୍ୟ ଚିକିତ୍ସାଳୟ ସହିତ ପବିତ୍ର ଧର୍ମସ୍ଥଳୀଠାରେ ସଫେଇ କାର୍ଯ୍ୟକ୍ରମ ହୋଇଥିଲା।

ବାଇପାସ୍ ରୋଡସ୍ଥିତ ସରକାର ନଗର ଖାନ୍‌କାହଠାରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୯୦୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସେଣ୍ଟ୍ରାଲ ରେଡକ୍ରସ ଡ. ସୁଧାଂଶୁ ସାହୁଙ୍କ ଟିମ୍ ୧୫୨ ୟୁନିଟ, କଟକ ଏସ୍‌ସିବି ରକ୍ତଭଣ୍ଡାର ଡ. ପ୍ରଶାନ୍ତ ଦାସଙ୍କ ଟିମ୍ ୩୬୧ ଓ ଭଦ୍ରକ ରକ୍ତଭଣ୍ଡାର ଡ. ବିମଳା ମିଶ୍ର, ସିଡିଏମ୍‌ଓ ଡ. ଅବଦୁଲ ରସିଦ, ରବି ପାଣିଗ୍ରାହୀ, ହରି ନାୟକ, ଶତ୍ରୁଘ୍ନ ହାତୀଙ୍କ ଟିମ୍ ୩୯୨ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ଯୁବନେତା ଅସିତ ପଟ୍ଟନାୟକ ଓ ନଳିନୀ ମହାନ୍ତି ରକ୍ତଦାନ କରି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ପୂର୍ବତନ ବିଧାୟକ ନରେନ ପଲେଇ, ଡା.ପ୍ରଦୀପ ନାୟକ, ଶିକ୍ଷାବିତ୍ ଡ. ବାଇଧର ସାହୁ, ଲକ୍ଷ୍ମୀ ମହାପାତ୍ର, ଦିଲୀପ ନାୟକ, ଏସ୍.ଏମ୍ ଫାରୁକ୍, ହାଜୀ ଅନୱର ହୋସେନ, ଏନାମ ମହମ୍ମଦ ଓ ମୁକିତ ଖାଁ ପ୍ରମୁଖ ଯୋଗ ଦେଇଥିଲେ। ଅଖିଳ ଭାରତୀୟ ଦୁଃଖୀ ସମାଜର ବରିଷ୍ଠ ସଭ୍ୟ ସବିର ଅଲ୍ଲୀ, ହାଜୀ ହୁମାୟୁନ, ତବାରକ ଅଲ୍ଲୀ, ମତଲୁବ ଅଲ୍ଲୀ, ଡା. କମାଲ ଖାଁ, ଜମିଲ ଅଖତର ଖାଁ, ଇଂ. ମୁକ୍ତାର ଅହମ୍ମଦ, ଇଂ. ହବିବୁଲ୍ଲା ଖାଁ, ଅବୁ ହୋସେନ ଖାଁ, ଗୋଲାମ ମୋହିଦ୍ଦିନ, ମୋଜୋ ଖାଁ, ହାଜୀ କାଶିମ୍ ଖାଁ, ସୁଧାକର ରାଉତ, ସେକ୍ ସମ୍‌ଦୋନୀ ପ୍ରମୁଖ ଉପସ୍ଥିତ ଥିଲେ। ଏନ୍‌ପିଜି ତରଫରୁ ସନ୍ଧ୍ୟାରେ ବଡ଼ ସରକାର ବାବା ଓ ସାନ ସରକାର ବାବାଙ୍କ ପାଇଁ ଚାଦର ଶୋଭାଯାତ୍ରା କରି ତାଙ୍କ ସମାଧିରେ ଚାଦର ଚଢ଼ା ଯାଇଥିଲା।

ଧରିତ୍ରୀ
DHARITRI
ବାଲେଶ୍ୱର, ଶୁକ୍ରବାର, ୨୫ ଜାନୁୟାରୀ, ୨୦୧୯



## ସଂକ୍ଷେପରେ

### ବାଣ ବିସ୍ଫୋରଣରେ ୨ ଗୁରୁତର

**କପ୍ତିପଦା,୨୪।୧(ଡି.ଏନ୍.ଏ):** କପ୍ତିପଦା ଥାନା ଅଧିନ ଦୁର୍ଗାପୁର ଗ୍ରାମରେ ଗୁରୁବାର ଅପରାହ୍ନରେ ବାଣ ବିସ୍ଫୋରଣରେ ୨ ସମ୍ପର୍କୀୟ ଭାଇ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଗ୍ରାମର ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ପୁଅ ବବଲୁ(୧୪) ଓ ସର୍ବେଶ୍ୱର ସେଠୀଙ୍କ ପୁଅ କମଳାକାନ୍ତ(୧୭)। ଉଭୟ ଛାତ ଉପରେ ଖେଳୁଥିବା ସମୟରେ ହଠାତ୍ ବାଣ ବିସ୍ଫୋରଣ ହୋଇଥିଲା। ଉଭୟଙ୍କୁ ପ୍ରଥମେ ଉଦଳା ଡାକ୍ତରଖାନାରେ ଭର୍ତି କରାଯାଇଥିଲା। ମାତ୍ର କମଳାକାନ୍ତଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପିଆରଏମ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଘଟଣାର ତଦନ୍ତ କରାଯିବ ବୋଲି କପ୍ତିପଦା ଥାନାଧିକାରୀ ରୀନା ବେହେରା କହିଛନ୍ତି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଉଦଳା,୨୪।୧ (ଡି.ଏନ.ଏ.):** ଉଦଳା ଏନଏସି ୧୦ ନଂ ୱାର୍ଡର ସଞ୍ଜୀବ ବେହେରା(୩୫) ନାମକ ଯୁବକଙ୍କ ଝୁଲନ୍ତା ମୃତଦେହ ଗୁରୁବାର ଉଦ୍ଧାର ହୋଇଛି। ପୋଲିସ୍ ମୃତଦେହକୁ ଉଦ୍ଧାର କରିବା ସହିତ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ - ୨/୧୯ )ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପରିବାର ଲୋକଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ରାତିରେ ସଞ୍ଜୀବ ଖାଇସାରି ଘରେ ଶୋଇଥିଲେ। ମାତ୍ର ଗୁରୁବାର ସକାଳେ କବାଟ ନ ଖୋଲିବାରୁ ପରିବାର ଲୋକେ ଉଦଳା ଥାନାକୁ ଜଣାଇଥିଲେ। ପୋଲିସ ଘରର କବାଟ ଭାଙ୍ଗି ଝୁଲନ୍ତା ମୃତଦେହ ଉଦ୍ଧାର କରିଥିଲା।

### ମହିଳାଙ୍କ ଗଳିତ ଶବ ଉଦ୍ଧାର

**ବାରିପଦା ଅଫିସ,୨୪।୧:** ଶୁଳିଆପଦା ଥାନା ଡୁମୁରିଆ ଗାଁ ନିକଟସ୍ଥ ରିଜର୍ଭ ଫରେଷ୍ଟ ଜଙ୍ଗଲ ନିକଟରୁ ଗୁରୁବାର ପୋଲିସ ଜଣେ ମହିଳାଙ୍କ ଗଳିତ ଶବ ଉଦ୍ଧାର କରିଛି। ଏନେଇ ଏକ ମାମଲା (ନଂ ୩/୧୯) ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ଉକ୍ତ ଜଙ୍ଗଲ ନିକଟରେ ଜଣେ ଅଜଣା ମହିଳାଙ୍କ ଶବ ପଡ଼ିଥିବା ଦେଖି ଗୁରୁବାର ସ୍ଥାନୀୟ ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ମହିଳା ଜଣଙ୍କର ୩ରୁ ୪ଦିନ ପୂର୍ବରୁ ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଛି। ତାଙ୍କ ବୟସ ୩୦ରୁ ୩୫ବର୍ଷ ହୋଇଥିବା ବେଳେ ପରିଚୟ ଜଣାପଡିନାହିଁ। ଏହା ଏକ ହତ୍ୟା ଘଟଣା ବୋଲି ପୋଲିସ ସନ୍ଦେହ କରି ତଦନ୍ତ ଆରମ୍ଭ କରାଯାଇଥିବା ଶୁଳିଆପଦା ଥାନା ଅଧିକାରୀ ସଞ୍ଜୟ କୁମାର ପ୍ରଧାନ କହିଛନ୍ତି।

### ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ

**ଉଦଳା,୨୪।୧ (ଡି.ଏନ.ଏ.):** ଉଦଳା ଟାଉନ କ୍ଲବ ପଡିଆରେ ଗୁରୁବାର ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ ଆୟୋଜିତ ହୋଇଯାଇଛି। ଉଜ୍ଜ୍ୱଳା ଯୋଜନାରେ ହିତାଧିକାରୀ ଏବଂ ଉଜ୍ଜ୍ୱଳା ଯୋଜନାରେ ଆବେଦନକାରୀଙ୍କ ଏକତ୍ରୀକରଣ ଓ ସଶକ୍ତୀକରଣ ନିମନ୍ତେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଉଜ୍ଜ୍ୱଳା ଯୋଜନାର ମୟୂରଭଞ୍ଜ ଜିଲା ନୋଡାଲ୍ ଅଫିସର ଆନାଲ ସେନଗୁପ୍ତ, ଏସଡିପି ଭାରତୀ ରାଜ, ଭୁବନେଶ୍ୱର ବିଏସପି ଅଭିଜିତ୍ ମିତ୍ରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ ବ୍ଲକ ଏବଂ ଏନଏସି ଅଞ୍ଚଳର ଉଜ୍ଜ୍ୱଳା ହିତାଧିକାରୀମାନେ ଯୋଗ ଦେଇଥିଲେ। ଭିଡିଓ ମାଧ୍ୟମରେ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ ମାନେକା ଗାନ୍ଧୀ ଏବଂ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଜ୍ଜ୍ୱଳା ଯୋଜନା ହିତାଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

### ଡାବୁଲ ତାମସାରେ ଝୁମିଲେ ଆଦିବାସୀ

**ବଡସାହି,୨୪।୧(ସ୍ୱ.ପ୍ର):** ବଡସାହି ବ୍ଲକ ଅଧୀନ ଗଜଡିହି କାଳିଆସାହିରେ ପାରମ୍ପରିକ ଡାବୁଲ ତାମସା ଓ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବାବା ବନକୁମାରୀ ଡ୍ରାମାଟିକ କ୍ଲବ ଆନୁକୂଲ୍ୟରେ ଆୟୋଜିତ ପ୍ରତିଯୋଗିତାରେ ଡାବୁଲ ତାମସା, ଲାଖବିନ୍ଧା, ଖଲିଦନା ପ୍ରସୃତି ଆଦି ବିଭିନ୍ନ ପ୍ରତିଯୋଗିତା ହୋଇଛି। କ୍ଲବର ସଭାପତି ଅର୍ଜ୍ଜୁନ ମୁର୍ମୁଙ୍କ ସଭାପତିତ୍ୱରେ ଏକ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ଲକ୍ଷ୍ମୀ ସିଂ, ବ୍ଲକ ବିଜେଡି ସଭାପତି ପ୍ରକାଶ ଚନ୍ଦ୍ର ଦଳେଇ, ବିଜେଡି ଛାତ୍ର ସମ୍ପାଦକ ଦୀପକ ସାହୁ, ସମିତିସଭ୍ୟା ଆରସୁ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। କ୍ଲବର ଉପଦେଷ୍ଟା ଲକ୍ଷ୍ମଣ ମୁର୍ମୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ମହିଳାପୁରୁଷମାନେ ଡାବୁଲ ତାମସାରେ ନୃତ୍ୟ ପରିବେଷଣ କରିଛନ୍ତି।

# ବାଲ୍ୟବିବାହ ରୋକିବ 'ଟିମ୍ ସ୍ୱୟଂସିଦ୍ଧା'

**ବାରିପଦା ଅଫିସ,୨୪।୧**


'ଟିମ୍ ସ୍ୱୟଂସିଦ୍ଧା' ସହିତ ଅତିଥି ବୃନ୍ଦ।

**ଜିଲାସ୍ତରୀୟ ଜାତୀୟ ଶିଶୁ କନ୍ୟା ଦିବସ**
- ଟିମ୍‌ରେ ସାମିଲ ହେଲେ ୧୨ ନାବାଳିକା
- ନିଜ ସଂଘର୍ଷ କାହାଣୀ ଶୁଣାଇବେ
- ଦୁଇ ବର୍ଷରେ ବନ୍ଦ ହୋଇଛି ୧୭୬ ବାଲ୍ୟବିବାହ

ଜଣେ ଝିଅର କଥା ଅନ୍ୟ ଜଣେ ଝିଅ ହିଁ ବୁଝି ପାରିଥାଏ। ବାଲ୍ୟ ବିବାହ କବଳରୁ ନିଜକୁ ରକ୍ଷା କରିବା ସହ ପାଠପଢ଼ା ଜାରି ରଖିଥିବା ଏହିପରି ୧୨ ଶିଶୁ କନ୍ୟା ନିଜ ନିଜ ସଂଘର୍ଷର କାହାଣୀ ଅନ୍ୟ ଶିଶୁ କନ୍ୟାଙ୍କୁ ଶୁଣାଇବେ। ଫଳରେ ଅନ୍ୟମାନେ ଏହାଦ୍ୱାରା ସଚେତନ ହେବା ଦ୍ୱାରା ବାଲ୍ୟ ବିବାହ ଭଳି କୁତ୍ସିତ ପ୍ରଥାକୁ ବନ୍ଦ କରାଯାଇ ପାରିବ। ଏପରି ୧୨ ଜଣ ଶିଶୁ କନ୍ୟାଙ୍କୁ ନେଇ ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ 'ଟିମ୍ ସ୍ୱୟଂସିଦ୍ଧା' ଗଠନ କରାଯାଇଛି। ଏହି ନାବାଳିକାମାନେ ପ୍ରତ୍ୟକ୍ଷ ବା ପରୋକ୍ଷରେ ପ୍ରଶାସନକୁ ଖବର ଦେଇ ନିଜ ବିବାହ ବନ୍ଦ କରି ପାରିଛନ୍ତି। ଏହି ଅବସରରେ ଜିଲାପାଳ ବିନିତ ଭରଦ୍ୱାଜ ଏହି ୧୨ ଜଣ ଶିଶୁ କନ୍ୟାଙ୍କୁ ସମ୍ମାନିତ କରିଛନ୍ତି।

ଜିଲା ଶିଶୁ ସୁରକ୍ଷା ୟୁନିଟ ଓ ସର୍ବଶିକ୍ଷା ଅଭିଯାନ ପକ୍ଷରୁ ଗୁରୁବାର ସ୍ଥାନୀୟ ପ୍ରୟାସ ସମ୍ମିଳନୀ କକ୍ଷରେ ଆୟୋଜିତ ଜାତୀୟ ଶିଶୁ କନ୍ୟା ଦିବସ ପାଳନ ଅବସରରେ ଅତିଥିମାନେ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲାପାଳ ବିନିତ ଭରଦ୍ୱାଜ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରା, ଡିଏସପି(ଏଚଆରପିସି) ସବିତା ମାଝୀ, ଏଡିଏମଓ(ପିଏଚ)ଡା. କସ୍ତୁରି ମିଶ୍ର, ଡିଡବ୍ଲୁଓ ସ୍ମୃତିରଞ୍ଜନ ସାମନ୍ତସିଂହାର ଓ ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା କୃଷ୍ଣକଳ୍ପନା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରଶାସନକୁ ପ୍ରତ୍ୟକ୍ଷ ବା ପରୋକ୍ଷରେ ଖବର ଦେଇ ନିଜ ବିବାହ ବନ୍ଦ କରିଥିବା ୧୨ ଜଣ ଶିଶୁ କନ୍ୟାଙ୍କୁ ସମ୍ମାନିତ କରାଯାଇଥିଲା। ଏଣୁ ଏହି ଝିଅମାନଙ୍କୁ ନେଇ ଅନ୍ୟ ଝିଅମାନଙ୍କ ପାଖକୁ ଯିବା ପାଇଁ ପ୍ରଶାସନ ଲକ୍ଷ୍ୟ ରଖିଛି। ସେମାନଙ୍କୁ ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ତାଲିମ ମଧ୍ୟ ପ୍ରଦାନ କରାଯିବ। ଜିଲାର କୌଣସି ଝିଅ ଆଗକୁ ବଢ଼ିବା ତଥା ପାଠ ପଢ଼ିବା ପାଇଁ ଆବଶ୍ୟକ ସହାୟତା ଜିଲା ପ୍ରଶାସନ ଯୋଗାଇବ ବୋଲି ଜିଲାପାଳ ଭରଦ୍ୱାଜ ଏହି ଅବସରରେ କହିଥିଲେ।

ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଗତ ୨୦୧୭ ଓ ୨୦୧୮ ଦୁଇ ବର୍ଷ ମଧ୍ୟରେ ଜିଲାରେ ୧୭୬ଟି ବାଲ୍ୟ ବିବାହ ବନ୍ଦ କରାଯାଇଛି। ୨୦୧୯ ମସିହାରେ ଅଦ୍ୟାବଧି ଗୋଟିଏ ବି ବାଲ୍ୟ ବିବାହ ହୋଇ ନ ଥିବା ପ୍ରକାଶ। ସେହିପରି କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାର କସ୍ତୁରବା ବାଳିକା ବିଦ୍ୟାଳୟ ଓ କନ୍ୟା ଶିଶୁ ଯତ୍ନ ଅନୁଷ୍ଠାନର ୨୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଙ୍କୁ ବାଲ୍ୟ ବିବାହ ନିଷେଧ ଅଧିନିୟମ-୨୦୦୬, ଘରୋଇ ହିଂସା ଆଇନ-୨୦୦୫, ଶିକ୍ଷା ଅଧିକାର ଅଧିନିୟମ-୨୦୦୯, ପୋକସୋ ଆଇନ-୨୦୧୨, କିଶୋର ନ୍ୟାୟ ଆଇନ, ଶିଶୁ ଶ୍ରମିକ ଅଧିନିୟମ ଓ ଶିଶୁ ଚାଲାଣ ଅଧିନିୟମ-୧୯୮୬ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ ସୂଚନା ଦେଇଥିଲେ। ଏହାସହିତ କ୍ଷୁଦ୍ର ସଚେତନତା ଧର୍ମୀ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ କସ୍ତୁରବା ବାଳିକା ବିଦ୍ୟାଳୟ ଓ କନ୍ୟା ଶିଶୁ ଯତ୍ନ ଅନୁଷ୍ଠାନର ଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ଡଲସା ସେକ୍ରେଟାରି ସ୍ମୃତିରଞ୍ଜନ ମହାପାତ୍ର, ଜେଜେ ବୋର୍ଡ ସଦସ୍ୟ କାବେରୀ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଶେଷରେ ଜିଲା ବାଳିକା ଶିକ୍ଷା ସଂଯୋଜକ(ସର୍ବ ଶିକ୍ଷା ଅଭିଯାନ) ମାନସ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଡାହାଣି ସନ୍ଦେହରେ ମହିଳାଙ୍କୁ ହତ୍ୟା

**ବାରିପଦା ଅଫିସ,୨୪।୧**

ମୟୂରଭଞ୍ଜ ଜିଲା ମୋରଡା ଥାନା ଅଧୀନ ଖୁଣ୍ଟିଆ ଗାଁରେ ବୁଧବାର ବିଳମ୍ବିତ ରାତିରେ ସୁନି ସିଂ ନାମ୍ନୀ ମହିଳାଙ୍କୁ ଡାହାଣି ସନ୍ଦେହରେ ହତ୍ୟା କରାଯାଇଛି। ଏହି ମାମଲାରେ ସମ୍ପୃକ୍ତ ଅଭିଯୁକ୍ତ ଉକ୍ତ ଗ୍ରାମର ବାୟା ସିଂ ଆତ୍ମସମର୍ପଣ କରିଛନ୍ତି। ପୋଲିସ ତାଙ୍କୁ ଗିରଫ କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ କଟୁରି ଜବତ କରିଛି। ବାୟାଙ୍କଠୁ ପୋଲିସ ପାଇଥିବା ସୂଚନା ଅନୁଯାୟୀ, ଉଭୟ ସୁନି ଓ ସେ ପଡୋଶୀ। ହେଲେ ତାଙ୍କ ପୁଅର ସ୍ୱାସ୍ଥ୍ୟାବସ୍ଥା ଦୀର୍ଘ ଦିନ ହେବ ଖରାପ ହୋଇ ରହୁଥିବାରୁ ସୁନି ଡାହାଣି ହୋଇ ଏମିତି କାଣ୍ଡ ଘଟାଉଥିବା ସେ ସନ୍ଦେହ କରୁଥିଲେ। ଫଳରେ ୩ ବର୍ଷ ହେବ ଉଭୟ ପରିବାର ମଧ୍ୟରେ ଗଣ୍ଡଗୋଳ ଲାଗି ରହିଥିଲା। ବୁଧବାର ବିଳମ୍ବିତ ରାତିରେ ସୁନି ଘର ବାହାରକୁ ବାହାରି ଥିବା ବେଳେ ତାଙ୍କର ବାୟାଙ୍କ ସହ ବଚସା ହୋଇଥିଲା। ଏଥିରେ ବାୟା ରାଗିଯାଇ ସୁନିଙ୍କୁ ଏକ ଶକ୍ତ ଚାପୁଡା ମାରିଥିଲେ। ସୁନି ତଳେ ପଡିଯିବାରୁ ତାଙ୍କୁ ଏକ ନିଛାଟିଆ ସ୍ଥାନକୁ ଉଠାଇ ନେଇ କଟୁରିରେ ହାଣି ହତ୍ୟା କରିଥିଲେ। ଏହି ଘଟଣା ଗୁରୁବାର ସକାଳେ ଜଣା ପଡିଥିଲା। ସୁନିଙ୍କ ସ୍ୱାମୀ ହରେକୃଷ୍ଣ ଏନେଇ ମୋରଡା ଥାନାରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ପରେ ହତ୍ୟାକାରୀ ବାୟା ଥାନାରେ ଆତ୍ମସମର୍ପଣ କରିଥଲେ।

## ନକଲି ଆରଆଇ ଅଟକ



- ଜମିପଟ୍ଟା ଦେବାକୁ କହି ଲକ୍ଷେରୁ ଉର୍ଦ୍ଧ୍ୱ ଠକେଇ
- ପୋଲିସ କରୁଛି ପଚରାଉଚରା
- ୨୦ରୁ ଉର୍ଦ୍ଧ୍ୱ ଆଦିବାସୀ ପରିବାର ଠକେଇର ଶିକାର

**ଉଦଳା,୨୪।୧ (ଡି.ଏନ.ଏ.)**

ନିଜକୁ ଆରଆଇ ବୋଲି ପରିଚୟ ଦେଇ ଜମିହୀନ ଗରିବ ଆଦିବାସୀଙ୍କଠୁ ପ୍ରାୟ ଲକ୍ଷେରୁ ଉର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ଜଣେ ଯୁବକଙ୍କୁ ଉଦଳା ପୋଲିସ ଅଟକ ରଖିଛି। ଯୁବକଜଣକ ନିରିହ ଆଦିବାସୀଙ୍କୁ ଜମି ପଟା ଯୋଗାଇ ଦେବାର ପ୍ରତିଶ୍ରୁତି ଦେବା ସହ ଇଂଲିଶ ମିଡିୟମ ସ୍କୁଲରେ ସେମାନଙ୍କ ପିଲାଙ୍କ ମାଗଣା ପାଠପଢା ବ୍ୟବସ୍ଥା କରାଇ ଦେବାକୁ କହି ଟଙ୍କା ଆଦାୟ କରୁଥିଲେ। ମାତ୍ର ଉଦଳା ବ୍ଲକ ଶୁଖୁଆସାହି ଗ୍ରାମବାସୀଙ୍କ ତାଙ୍କୁ ଗୁରୁବାର ଅଟକ ରଖି ପୋଲିସକୁ ଅବଗତ କରିଥିଲେ। ପୋଲିସ ତାଙ୍କୁ ଅଟକ ରଖିବା ସହ ପଚରାଉଚରା ଜାରି ରଖିଛି।

ଉଦଳା ବ୍ଲକ ଶୁଖୁଆସାହି ଗ୍ରାମର ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ଜମିହୀନ ପରିବାରଙ୍କୁ ଜମିପଟା ଯୋଗାଇ ଦେବାକୁ ଉକ୍ତ ଯୁବକଜଣକ କହିଥିଲେ। ଏଥିନିମନ୍ତେ ସେମାନଙ୍କଠାରୁ ୪ରୁ ୫ ହଜାର ଟଙ୍କା ଲେଖାଏ ଆଦାୟ କରିଥିଲେ। ଏହାପରେ ଦେଇଥିବା ପ୍ରମାଣପତ୍ରରେ ଜିଲା ଜନଜାତି ମଙ୍ଗଳ ଅଧିକାରୀ, ଜିଲାପାଳ, ବିଭାଗୀୟ ଜଙ୍ଗଲ ଅଧିକାରୀ, ଉପ ବନ ସଂରକ୍ଷକଙ୍କ ଦସ୍ତଖତ ରହିଥିଲା। ତେବେ ଉକ୍ତ ପ୍ରମାଣପତ୍ରକୁ ଅନଲାଇନରେ ଯାଞ୍ଚ କରିବା ପରେ ତାହା ନକଲି ବୋଲି ହିତାଧିକାରୀ ଜାଣିବାକୁ ପାଇଥିଲେ। ତାଙ୍କ ସହିତ ଉଦଳା ରାଜସ୍ୱ ବିଭାଗ କାର୍ଯ୍ୟାଳୟର ଅମିନ କୁହାଯାଇଥିବା ଜଣେ ଯୁବକ ମଧ୍ୟ ଥିଲେ। ଏହାବ୍ୟତୀତ ଆଦିବାସୀ ପରିବାରର ଛୋଟ ଛୋଟ ପିଲାଙ୍କୁ ଇଂରାଜୀ ମିଡିୟମ ବିଦ୍ୟାଳୟରେ ମାଗଣାରେ ଭର୍ତ୍ତି କରାଇ ଦେବାକୁ ୫ ଶହ ଟଙ୍କା ଲେଖାଏଁ ନେଇଥିଲେ। ଗୁରୁବାର ନକଲି ଆରଆଇ ଜଣକ ଶୁଖୁଆସାହି ଗ୍ରାମକୁ ଯାଇଥିବା ବେଳେ ଉଦ୍ୟକ୍ତ ଗ୍ରାମବାସୀ ତାଙ୍କୁ ଅଟକ ରଖି ଅର୍ଥ ଫେରସ୍ତ ଦାବି କରିଥିଲେ। ଖବର ପାଇ ଉଦଳା ପୋଲିସ୍ ପହଞ୍ଚି ତାଙ୍କୁ ନିଜ ହେପାଜତକୁ ନେଇ ଏ ସମ୍ପର୍କରେ ତହସିଲଦାରଙ୍କୁ ଅବଗତ କରାଇଛନ୍ତି। ଉଦଳା ତହସିଲଦାର ରାଜେନ୍ଦ୍ର ନାରାୟଣ କରଙ୍କୁ ପଚାରିବାରୁ ଯଦି ଜମିପଟା ଜାଲ ବୋଲି ପ୍ରମାଣିତ ହୁଏ ତେବେ ସଂପୃକ୍ତ ନକଲି ଆରଆଇଙ୍କ ବିରୋଧରେ ଥାନାରେ ଅଭିଯୋଗ କରାଯିବ। ଏହି ଘଟଣାରେ ନକଲିଆରଆଇଙ୍କୁସହଯୋଗ କରିଥିବା ସରକାରୀ କର୍ମଚାରୀଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## 'ଆଦିବାସୀ ହେଉଛନ୍ତି ପ୍ରକୃତିର ପୂଜାରୀ'

**ବାରିପଦା ଅଫିସ,୨୪।୧**

ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ 'ସେଣ୍ଟର ଫର ଶିମିଳିପାଳ ଷ୍ଟଡି' ଓ ସ୍ନାତକୋତ୍ତର ନୃତତ୍ତ୍ୱ ଓ ଜନଜାତି ବିଭାଗର ମିଳିତ ସହଯୋଗରେ ଦୁଇଦିନିଆ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏହାର ଉଦ୍‌ଯାପନୀ ଦିବସରେ ପୂର୍ବତନ ସାଂସଦ ବୀରଭଦ୍ର ସିଂ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଆଦିବାସୀମାନେ ପ୍ରକୃତିର ପୂଜାରୀ ବୋଲି ସେ କହିଥିଲେ। ଏହି ଆଲୋଚନାଚକ୍ରରେ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପର ଆଡିଶନାଲ ଚିଫ୍ କଞ୍ଜରଭେଟର ଶଶିପାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ଶିମିଳିପାଳ ଷ୍ଟଡି ସେଣ୍ଟରକୁ ସ୍ୱାଗତ କରିବା ସହିତ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷକୁ ଧନ୍ୟବାଦ ଦେଇଥିଲେ। ଏହି ସେଣ୍ଟର ସ୍ଥାପନ ଦ୍ୱାରା ଶିମିଳିପାଳ ଜୈବମଣ୍ଡଳ ପରିଚାଳନା ପାଇଁ ଆବଶକ ତଥ୍ୟ ମିଳିପାରିବ ବୋଲି ଆଲୋଚନା ହୋଇଥିଲା। ଏଥିରେ ସଭାପତି ଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ କୁମାର ଚାନ୍ଦ ଯୋଗଦେଇ ଆଧୁନିକ ପ୍ରଯୁକ୍ତିବିଦ୍ୟା ଦ୍ୱାରା କିପରି ଜୈବବିବିଧତାର ବିକାଶ କରାଯାଇ ପାରିବ ତା ଉପରେ ଗୁରୁତ୍ୱାରୋପ କରିଥିଲେ। ଉକ୍ତ କେନ୍ଦ୍ରର ଅଧ୍ୟକ୍ଷ ତଥା ଆଲୋଚନାଚକ୍ରରେ ଆବାହକ ପ୍ରଫେସର ହୃଦୟନାଥ ଥାଟୋଇ ଧନ୍ୟବାଦ ଦେଇଥିଲେ।


ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟରେ ସାମିଲ ଛାତ୍ରୀଛାତ୍ରମାନେ।

## ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ୍: ୮୮ ସାମିଲ

**ବାରିପଦା ଅଫିସ,୨୪।୧**

**ପୋଲିସ ସେବା ସମ୍ପର୍କରେ ଦିଆଯିବ ତାଲିମ**

ମୟୂରଭଞ୍ଜ ଜିଲା ପୋଲିସ ପକ୍ଷରୁ ଗୁରୁବାର ବାରିପଦା ଏମ୍‌କେସି ହାଇସ୍କୁଲଠାରେ ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ୍ ଗଠନ କରାଯାଇଛି। ମୋଟ ୮୮ ଜଣ ଛାତ୍ରୀଛାତ୍ର ଏହି କ୍ୟାଡେଟରେ ସାମିଲ ହୋଇଛନ୍ତି। ୨୦୧୦ରେ କେରଳରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରେ ରାଜସ୍ଥାନ, ଗୁଜରାଟ, ହରିୟାଣା, କର୍ନାଟକ ଓ ଜମ୍ମୁ କଶ୍ମୀର ଏବଂ ବର୍ତ୍ତମାନ ଓଡିଶାରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ବୋଲି ବାରିପଦା ଟାଉନ ଥାନା ଅଧିକାରୀ ଅଶୋକ କୁମାର ନାୟକ ସୂଚନା ଦେଇଥିଲେ। କ୍ୟାଡେଟର ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପ୍ରକାର ତାଲିମ ଯଥା କରାଟେ ଶିକ୍ଷା, ଯୋଗ ଶିକ୍ଷା ପ୍ରଦାନ କରାଯିବ। ପୋଲିସ ସେବା ସମ୍ପର୍କିତ ସମସ୍ତ ସୂଚନା ଏହି ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରାଯିବ। ଏହା ସହିତ ବିଭିନ୍ନ କ୍ୟାମ୍ପରେ ମଧ୍ୟ ଛାତ୍ରୀଛାତ୍ରମାନେ ଯୋଗ ଦେବେ। ସେମାନଙ୍କୁ ମାଗଣାରେ ଡ୍ରେସ ପ୍ରଦାନ କରାଯିବା ସହିତ ଲିଖିତ ପରୀକ୍ଷାରେ ୫ ପ୍ରତିଶତ ଗ୍ରେସ ମାର୍କ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ଏସ୍‌ପି ଅବିନାଶ କୁମାର ଅଧ୍ୟକ୍ଷତା କରିଥିବା ବେଳେ ଏସଡିସି ଚେୟାରମ୍ୟାନ ଡା.ଦେବାଶିଷ ମାରାଣ୍ଡି, ଜିଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରା, ବାରିପଦା ନଗରପାଳ ବବିତା ଦାସ, ଏମକେସି ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଡ. ପ୍ରଜ୍ଞା ପାରମିତା ଜେନା, ବାରିପଦା କଲେଜ ପ୍ରିନ୍ସିପାଲ ରଞ୍ଜନ ମହାନ୍ତି , ଜିଲା ଓକିଲ ସଂଘ ସଭାପତି ପ୍ରବୀର କୁମାର ବସା ଏବଂ ଏସଭିଏସ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱାରା ପୋଲିସ ଓ ଜନତା ମଧ୍ୟରେ ଥିବା ଦୂରତା କମିବା ସହିତ ସାମାଜିକ ସ୍ତରରେ ପୋଲିସର ବାର୍ତ୍ତା ପହଞ୍ଚି ପାରିବ ବୋଲି ମତବ୍ୟକ୍ତ କରିଥିଲେ। ଆଡିଶନାଲ ଏସ୍‌ପି ଜୟରାମ ଶତପଥୀ, ରିଜର୍ଭ ଇନ୍ସପେକ୍ଟର କୁଳମଣି ଗିରି ଏବଂ ଏମକେସି ହାଇସ୍କୁଲର ଶିକ୍ଷକ ଅମିତାଭ ମିଶ୍ର, ଡ. ଶଶିଧର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ■ ବିସ୍ଥାପିତଙ୍କ ଅସ୍ଥାୟୀ ଗୃହରେ ନିଆଁ

# ଜଳିଗଲା ୧୬ ଘର, ମହିଳା ଗୁରୁତର


ଅଗ୍ନି ବିପନ୍ନ ପରିବାର।

**ବାରିପଦା ଅଫିସ/ଠାକୁରମୁଣ୍ଡା ୨୪।୧(ଡି.ଏନ.ଏ)**

ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଅଧୀନ ଶିଆଳିନଇଁ ଗ୍ରାମରେ ବୁଧବାର ରାତିରେ ଅଗ୍ନିକାଣ୍ଡ ଯୋଗୁ ୧୬ ଘର ଜଳିଯାଇଛି। ଏଠାରେ ଶିମିଳିପାଳର ବଫର ଏରିଆରେ ରହୁଥିବା ୭୩ ପରିବାରଙ୍କୁ ବର୍ଷେ ପୂର୍ବେ ଅବସ୍ଥାପିତ କରାଯାଇଥିଲା। ନିଆଁରେ ୧୪ଟି ପରିବାର ର ଅସ୍ଥାୟୀ ଗୃହ ସମେତ ବଦବିଭାଗର ୨ଟି ଅଫିସ ଗୃହ ପୋଡି ପାଉଁଶ ହୋଇଯାଇଛି । ଅଗ୍ନିକାଣ୍ଡରେ ଗ୍ରାମର ସୁରେନ୍ଦ୍ର ଦେହୁରୀଙ୍କ ସ୍ତ୍ରୀ ରାଧା ଦେହୁରୀ(୨୭) ଗୁରୁତର ହୋଇ କଟକ ବଡ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ବୁଧବାର ରାତିରେ ରାଧା ଡିବିରି ଜାଳି ଶୋଇଥିଲେ। ସେଥିରୁ ବିଳମ୍ବିତ ରାତିରେ ଘରକୁ ନିଆଁ ଲାଗିଯାଇଥିଲା। ଏହା ବ୍ୟାପି ୧୬ ଘରର ସମସ୍ତ ଆସବାବପତ୍ର ଜଳି ପାଉଁଶ ହୋଇଯାଇଛି। ଖବର ପାଇ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ଆସି ନିଆଁକୁ ଆୟତ୍ତ କରିଥିଲେ। ବିସ୍ଥାପିତଙ୍କ ନିମନ୍ତେ ସରକାର ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ସେମାନେ ଅସ୍ଥାୟୀ ଗୃହରେ ରହିଆସୁଥିଲେ। ଖବର ପାଇଁ ସକାଳେ କରଞ୍ଜିଆ ବିଡିଓ, ତହସିଲଦାର, ଡି.ଏଫ.ଓ, ବନଅଧିକାରୀ ପ୍ରମୁଖ ପହଞ୍ଚି ବିସ୍ଥାପିତ ପରିବାରଙ୍କୁ ପୋଷାକ ଓ ବିସ୍କୁଟ ପ୍ରଦାନ କରିଥିଲେ। କ୍ଷତିଗ୍ରସ୍ତ ପରିବାରଙ୍କ ନିମନ୍ତେ ଏକ ଅସ୍ଥାୟୀ ଗୃହ ନିର୍ମାଣ କରାଯାଇଛି।

# ସରକାରୀ ଜମି ଚିହ୍ନଟକୁ ବିରୋଧ

**ଖୁଣ୍ଟା,୨୪।୧ ( ଡି.ଏନ.ଏ.)**

ଖୁଣ୍ଟା ଥାନା ଅଧୀନ ନୂଆଗାଁରେ ଜବରଦଖଲ ଜମି ଚିହ୍ନଟ କରିବାକୁ ଯାଇଥିବା ରାଜସ୍ୱ କର୍ମଚାରୀ ମହିଳାଙ୍କ ବିରୋଧର ଶିକାର ହୋଇ ଫେରିଛନ୍ତି। ଭୋଳାଗଡ଼ିଆ ମୁଖ୍ୟ ରାସ୍ତା ରୁ ନୂଆଗାଁ – ଶ୍ରୀରାମପୁର କୁ ଯାଇଥିବା ପ୍ରଧାନମନ୍ତ୍ରୀ ରାସ୍ତାକୁ ମାଡି ଆସି ଜନୈକ ବ୍ୟକ୍ତି ଜବରଦଖଲ କରି ଘର କରିଥିବା ଅଭିଯୋଗ ହୋଇଥିଲା। ତେବେ ୧୫ ଦିନ ପୂର୍ବରୁ ଖୁଣ୍ଟା ରାଜସ୍ୱ ବିଭାଗର କର୍ମଚାରୀ ଯାଇ ଉକ୍ତ ଘର ଭାଙ୍ଗି ଦେଇଥିଲେ । ପରବର୍ତ୍ତୀ ସମୟରେ ଉକ୍ତ ସ୍ଥାନରେ ରାସ୍ତା ପାର୍ଶ୍ୱରେ ପୂର୍ବରୁ ରହିଥିବା ଦୋକାନ ଘର ତଥା କ୍ୟାବିନଗୁଡିକୁ ଉଠାଇବା ପାଇଁ ଅନ୍ୟ ଏକ ଅଭିଯୋଗ ହୋଇଥିଲା। ସେହି ଅନୁଯାୟୀ ଗୁରୁବାର ରାଜସ୍ୱ ବିଭାଗର କର୍ମଚାରୀ ପୋଲିସ ସହାୟତାରେ ଉକ୍ତ ସ୍ଥାନକୁ ଯାଇ ସରକାରୀ ଜମିକୁ ଚିହ୍ନଟ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଥିଲେ। ହେଲେ ଖବର ପାଇ ଶତାଧିକ ମହିଳା ପୁରୁଷ ପହଞ୍ଚି ଚିହ୍ନଟ ପ୍ରକ୍ରିୟାକୁ ବିରୋଧ କରିଥିଲେ । ଏ ସମ୍ପର୍କରେ ବିଭାଗ ସହିତ ଯୋଗାଯୋଗ କରାଯିବାରୁ ଆବଶ୍ୟକୀୟ ପଦକ୍ଷେପ ନିଆଯିବ ବୋଲି ତହସିଲଦାର ପ୍ରିୟଦର୍ଶନୀ ମଲିକ କହିଛନ୍ତି ।

## ଭାଗବତ ପାରାୟଣ ଉତ୍ସବ

**ବଡ଼ସାହି,୨୪।୧(ସ୍ୱ.ପ୍ର)**

ବଡସାହି ବ୍ଲକ ଅଧୀନ ଦେଉଳିଆ ପଞ୍ଚାୟତ ଜଗନ୍ନାଥ ମନ୍ଦିର ପରିସରରେ ସପ୍ତାହ ବ୍ୟାପୀ ଭାଗବତ ପାରାୟଣ ଉତ୍ସବ ଧୁମଧାମରେ ପାଳିତ ହୋଇଯାଇଛି। ଦଧିବାମନ ଭାଗବତ ଟୁଙ୍ଗି ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଗଙ୍ଗାହାର ନଦୀରୁ ଘଟୋତ୍ତୋଳନ କରାଯାଇ ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା । ସୋମବାର ଉଦ୍‌ଯାପନୀ ଉତ୍ସବରେ ଯଜ୍ଞ ଅନୁଷ୍ଠିତ ହୋଇ ପୂର୍ଣ୍ଣାହୁତି ଦିଆଯାଇଛି।

# ବିଦ୍ୟୁତ୍ ସଂଯୋଗ ଦାବିରେ ବିକ୍ଷୋଭ

**ଉଦଳା,୨୪।୧ (ଡି.ଏନ.ଏ.)**


ଉଦଳା ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

- ୫ ବର୍ଷ ହେବ ପଡିଛି ବିଦ୍ୟୁତ୍ ଖୁଣ୍ଟ
- ରାସ୍ତାକୁ ଓହ୍ଲାଇଲେ ୨ ଗ୍ରାମବାସୀ

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଅଧୀନ ଦାମାସାହି ଏବଂ ମାତୁରାସାହି ଗ୍ରାମକୁ ଆଜି ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ହୋଇ ପାରି ନାହିଁ। ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ନ ପାଇ ଏଥିରେ ଅତିଷ୍ଠ ହୋଇପଡିଛନ୍ତି ଉଭୟ ଗ୍ରାମବାସୀ। ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ଦାବିରେ ଶତାଧିକ ସଂଖ୍ୟାରେ ଗ୍ରାମବାସୀ ଗୁରୁବାର ସ୍ଥାନୀୟ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଘେରାଉ କରିଥିଲେ । ଗ୍ରାମକୁ ତୁରନ୍ତ ବିଦ୍ୟୁତ୍ ସଂଯୋଗ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ବହୁ ଦାବି ପରେ ପ୍ରାୟ ୫ ବର୍ଷ ହେବ ଉଭୟ ଗାଁରେ ବିଦ୍ୟୁତ୍ ଖୁଣ୍ଟ ପଡିଛି। ସଂଯୋଗ ଦିଆଯିବା ନିମନ୍ତେ ସମସ୍ତ ପ୍ରକାର ପ୍ରସ୍ତୁତି ମଧ୍ୟ ଶେଷ ହୋଇଛି । ହେଲେ ଆନ୍ତରିକତା ଅଭାବରୁ ବିଦ୍ୟୁତ୍ ସଂଯୋଗ ହୋଇପାରୁନାହିଁ । ଫଳରେ ଅନ୍ଧାରରେ ଉଭୟ ଗ୍ରାମବାସୀ ରହିବାକୁ ବାଧ୍ୟ ହେଉଛନ୍ତି। ଏଥିରେ ଅତିଷ୍ଠ ହୋଇ ସେମାନେ ରାସ୍ତାକୁ ଓହ୍ଲାଇଛନ୍ତି। ଏହି ଆନ୍ଦୋଳନରେ ପୂର୍ବତନ ସରପଞ୍ଚ ଭୀମ ଚନ୍ଦ୍ର ନାୟକ, ମଝିଗଡିଆ ସରପଞ୍ଚ ବାପୁଜୀ ପଡିଆଳ, ରାମଚନ୍ଦ୍ର ସାହାନୀ, ବିଳାସିନୀ ବିନ୍ଧାଣୀ ପ୍ରମୁଖ ସାମିଲ ହୋଇଥିଲେ ।

## ସଂକ୍ଷେପରେ

ବାରାହାଦେବତା ଘାଟିରେ ଦୁର୍ଘଟଣା

### ୩୦ ଫୁଟ ତଳକୁ ଖସିଲା ଟ୍ରକ୍



**ତେଲକୋଇ, ୨୪।୧(ଡି.ଏନ.ଏ.):** ତଲକୋଇ ଥାନା ଅନ୍ତର୍ଗତ ଜଗମୋହନପୁରରୁ କେନ୍ଦୁଝର ଅଭିମୁଖେ ଯାଉଥିବା ଏକ ଟ୍ରକ୍ ବାରାହାଦେବତା ଘାଟିରେ ଗୁରୁବାର ଭାରସାମ୍ୟ ହରାଇ ୩୦ ଫୁଟ ତଳକୁ ଖସି ପଡ଼ିଛି। ଗାଡିର ଡ୍ରାଇଭର ଶତ୍ରୁଘନ ନହରା(୪୦) ଗୁରୁତର ହୋଇଛନ୍ତି। ତାଙ୍କୁ ଉଦ୍ଧାର କରି ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। କାଞ୍ଚିପାଣି ପୋଲିସ ତେଲକୋଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଡ୍ରାଇଭରଙ୍କୁ ଉଦ୍ଧାର କରିଥିଲେ।

### ଯୁବକଙ୍କ ମୃତଦେହ ଜବତ

**ଯୋଡ଼ା, ୨୪।୧(ଡି.ଏନ.ଏ.):** କେନ୍ଦୁଝର ଜିଲା ବାମେବାରୀ ଥାନା ଜୁରୁଡି ରେଳ ସାଇଡିଂ ନିକଟରେ ଗୁରୁବାର ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତ ଯୁବକ ହେଲେ ଜରିବାହାଲ ପ୍ରେମ୍ ବସ୍ତିର ଏମଡି ରାଜୁ (୪୨)। ରକ୍ତାକ୍ତ ଅବସ୍ଥାରେ ତାଙ୍କ ମୃତଦେହ ପଡିଥିଲା। ତାଙ୍କ ଉପରେ ଏକ ବାଇକ୍ ମଧ ପଡିଥିଲା। ପ୍ରାଥମିକ ତଦନ୍ତରୁ ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ଅନୁମାନ କରିଛି। ରାଜୁ ମଙ୍ଗଳବାର ସ୍ଥାନୀୟ ସାପ୍ତାହିକ ହାଟକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ଏ ନେଇ ତାଙ୍କ ସ୍ତ୍ରୀ ପୋଲିସକୁ ସୂଚନା ଦେଇଥିଲେ। ଥାନାରେ ଏକ ମାମଲା (ନଂ.୧୩/୧୯) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ଜଣାପଡିବ ବୋଲି ଥାନା ଅଧିକାରୀ ପରେଶ କୁମାର ମହାନ୍ତି କହିଛନ୍ତି।

### ଖଣ୍ଡୁଆଳ ସମାଜକୁ ଅଣଦେଖା

**କୋଲିମାଟି, ୨୪।୧(ଡି.ଏନ.ଏ.):** କେନ୍ଦୁଝର ଜିଲାରେ ବସବାସ କରୁଥିବା ଖଣ୍ଡୁଆଳ ଜାତିର ଅଧିବାସୀଙ୍କୁ ବିଭିନ୍ନ କ୍ଷେତ୍ରରେ ପ୍ରଶାସନ ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ଉକ୍ତ ଜାତିର ଲୋକ ଚାକିରି, ଶିକ୍ଷା, ଅର୍ଥନୀତି, ସାମାଜିକ କ୍ଷେତ୍ରରେ ନାଗରିକତାର ମୌଳିକତ୍ୱ ହରାଇ ବସିଛନ୍ତି। ସେମାନେ ସମାଜର ମୁଖ୍ୟ ସ୍ରୋତରେ ଆଦୌ ସାମିଲ ହୋଇପାରୁ ନାହାନ୍ତି। ଏହାର ପ୍ରତିବାଦରେ ୨୭ରେ ସଦର ବ୍ଲକରେ ଏକ ଜନଜାଗରଣ ଶିବିର ଅନୁଷ୍ଠିତ ହେବାକୁ ଯାଉଛି। ବହୁସଂଖ୍ୟାରେ ଖଣ୍ଡୁଆଳ ଅଧିବାସୀ ଯୋଗଦାନ ପାଇଁ ଆନନ୍ଦପୁର ବ୍ଲକ ଧକୋଠା ପଞ୍ଚାୟତ ଭାଲୁକୁମା ଗ୍ରାମର ସଂଘ ସଭାପତି ବିକ୍ରମ ପଲେଇ କହିଛନ୍ତି।

### ଅଳତୀ ଶିଶୁ ମନ୍ଦିରରେ ନେତାଜୀ ଜୟନ୍ତୀ



**ଆନନ୍ଦପୁର, ୨୪।୧(ସ୍ୱ.ପ୍ର.):** ଘସିପୁରା ବ୍ଲକ ଅଳତୀ ସରସ୍ୱତୀ ଶିଶୁମନ୍ଦିର ପକ୍ଷରୁ ନେତାଜୀଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଅଲେଖ ଚନ୍ଦ୍ର ବେହେରାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। ଗ୍ରାମରେ ଥିବା ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ବିଦ୍ୟାଳୟର ସମ୍ପାଦକ ମଦନ ମୋହନ ବରାଳ, ସଭାପତି ଦୁର୍ଯ୍ୟୋଧନ ସାହୁ ନେତାଜୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଅଭିଭାବକ, ଗୁରୁଜୀ ଗୁରୁମା, ପରିଚାଳନା ସମିତି ସଦସ୍ୟଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଅନ୍ତେବାସୀଙ୍କୁ ବାସି ଖାଦ୍ୟ

**କେନ୍ଦୁଝର, ୨୪।୧(ସ୍ୱ.ପ୍ର.)**



ହଷ୍ଟେଲର ଅନ୍ତେବାସୀ।

**ଅର୍ବାନ ଡିପ୍ରାଇଭଡ ହଷ୍ଟେଲ**
- ଉପଯୁକ୍ତ ତଦାରଖର ଅଭାବ
- ଆସୁଥିବା ଅର୍ଥ ହେରଫେର
- ମେନୁ ଅନୁସାରେ ଦିଆଯାଉନି ଖାଦ୍ୟ

କେନ୍ଦୁଝର ଜିଲା ଆଟୋପୁର ଅର୍ବାନ ଡିପ୍ରାଇଭଡ ହଷ୍ଟେଲକୁ ଆସୁଥିବା ବ୍ୟାପକ ଅର୍ଥ ଉପଯୁକ୍ତ ତଦାରଖ ଅଭାବରୁ ହେରଫେର ହୋଇଛି। ଅନ୍ତେବାସୀଙ୍କୁ ବାସି ଖାଦ୍ୟ ଦିଆ ଯାଉଥିବା ଅଭିଯୋଗ ହୋଇଛି। ଅବହେଳିତ, ଅସହାୟ, ଅନାଥ, ଗରିବ ଛାତ୍ରଙ୍କ ପାଇଁ ସର୍ବଶିକ୍ଷା ଅଭିଯାନ ପକ୍ଷରୁ କେନ୍ଦୁଝର ଜିଲା ଆଟୋପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ଏବଂ ବଡ଼ବିଲରେ ଅର୍ବାନ ଡିପ୍ରାଇଭଡ ହଷ୍ଟେଲ ରହିଛି। ପ୍ରତ୍ୟେକ ବର୍ଷ ସମ୍ପୃକ୍ତ ଛାତ୍ରାବାସ ପାଇଁ ସର୍ବଶିକ୍ଷା ଅଭିଯାନ ପକ୍ଷରୁ ଅନ୍ତେବାସୀଙ୍କ ଷ୍ଟାଇପେଣ୍ଡ, ହଷ୍ଟେଲରେ ନିୟୋଜିତ ଥିବା ଠିକା କର୍ମଚାରୀଙ୍କ ଦରମା, ହଷ୍ଟେଲ ପରିଚାଳନା ଅର୍ଥ ସ୍କୁଲ ପରିଚାଳନା କମିଟି (ଏସଏମସି) ଆକାଉଣ୍ଟରେ ଅର୍ଥ ଜମା ହୋଇନି। ଅନ୍ୟ ଏକ ଏକାଉଣ୍ଟ ଖୋଲା ଯାଇ ଅର୍ଥ ଜମା ହେଉଥିବା ଅଭିଯୋଗ ହେଉଛି। କମିଟି ସଭାପତିଙ୍କ ନାମ ଏସ୍ଏମ୍ସି ଆକାଉଣ୍ଟରୁ ବାଦ ଦିଆଯାଇଛି। ଅନ୍ୟପକ୍ଷରେ ଖୋଲାଯାଇଥିବା ବ୍ୟାଙ୍କ ଖାତାରେ ପ୍ରଧାନ ଶିକ୍ଷକଙ୍କ ସହ ହିସାବରକ୍ଷକଙ୍କୁ ରଖାଯାଇଛି। ଯାହାକି ବେଆଇନ ବୋଲି କୁହାଯାଉଛି। ବ୍ୟାଙ୍କ ଆକାଉଣ୍ଟରେ ନାମ ପରିବର୍ତ୍ତନ କିପରି କରାଗଲା। ଏ ନେଇ ଜିଲାପାଳଙ୍କ ଅନୁମୋଦନ ହୋଇଛି କି ନାହିଁ ତଦନ୍ତ ସାପେକ୍ଷ। ଅନ୍ତେବାସୀଙ୍କୁ ମେନୁ ଅନୁସାରେ ଖାଦ୍ୟ ଦିଆଯାଉନି। ନିମ୍ନମାନର ଖାଦ୍ୟ ଦିଆଯାଉଛି। ସକାଳରେ ଜଳଖିଆ ଦିଆ ନ ଯାଇ ଅନ୍ତେବାସୀଙ୍କୁ ବିସ୍କୁଟ ପ୍ରଦାନ କରାଯାଉଛି। ସପ୍ତାହରେ ଥରେ କ୍ଷୀର ଓ ହରିଲିକ୍ସ ଦିଆଯାଉଛି। ଶହେ ଅନ୍ତେବାସୀଙ୍କ ପାଇଁ ୩ ଲିଟର କ୍ଷୀର ଅଣାଯାଇ ପାଣି ମିଶାଇ ଦିଆଯାଉଛି। ଚଳିତ ବର୍ଷ ଅନ୍ତେବାସୀଙ୍କୁ କମ୍ବଳ ଏବଂ ସୁଇଟର ପ୍ରଦାନ କରାଯାଇନି। ଅନେକ ସମୟରେ ବାସୀ ଖାଦ୍ୟ ଦିଆଯାଉଛି। ଡିସେମ୍ବର ୧ରେ ବାସି ଖାଦ୍ୟ ନ ଖାଇ ପାରି ଅନ୍ତେବାସୀ ପ୍ରତିବାଦ କରିଥିଲେ।

ଅନ୍ତେବାସୀଙ୍କ ପାଇଁ ମାସିକ ପିଲା ପିଛା ରକ୍ଷଣାବେକ୍ଷଣ, ଷ୍ଟାଇପେଣ୍ଡ, ପାଠ୍ୟସମାଗ୍ରୀ, ବୈଷୟିକ ଶିକ୍ଷା, ପାଣି ଏବଂ ବିଦ୍ୟୁତ୍ ବିଲ, ଔଷଧ ଖର୍ଚ୍ଚ ଆଦି ବାବଦକୁ ୬୭୫୦ ଟଙ୍କା ଆସିଥାଏ। ଖେଳ ସମାଗ୍ରୀ ଏବଂ କୋଚିଂ ପାଇଁ ବର୍ଷକୁ ୧ ଲକ୍ଷ ୬୦ ହଜାର ଟଙ୍କା ପ୍ରଦାନ କରାଯାଉଛି। ହଷ୍ଟେଲରେ କାର୍ଯ୍ୟ କରୁଥିବା କର୍ମଚାରୀ ଏବଂ ଟ୍ୟୁସନ ବାବଦକୁ ବାର୍ଷିକ ୮ ଲକ୍ଷ ଟଙ୍କା ଆସିଥାଏ। ଖର୍ଚ୍ଚ ହେଉଥିବା ଅର୍ଥର ହିସାବ ମିଳୁନାହିଁ। ଏ ନେଇ ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ବୁଝି ଜଣାଇବି। ଅଭିଯୋଗର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଅବ୍ୟବସ୍ଥାରେ ଅଙ୍ଗନୱାଡି କେନ୍ଦ୍ର

**ଚମ୍ପୁଆ, ୨୪।୧(ଡି.ଏନ.ଏ.)**

**ଗଛମୂଳେ ରୋଷେଇଶାଳ**

ଚମ୍ପୁଆ ବ୍ଲକ ଚନ୍ଦ୍ରଶେଖରପୁର ପଞ୍ଚାୟତର ବଳଭଦ୍ରପୁର ଅଙ୍ଗନୱାଡି କେନ୍ଦ୍ର ଅବ୍ୟବସ୍ଥାରେ ଚାଲିଛି। ବିପଦସଙ୍କୁଳ ଘରେ ପାଠପଢା ଚାଲିଥିବା ବେଳେ ଗଛମୂଳେ ରୋଷେଇଶାଳ ରହିଛି। ଶିଶୁଙ୍କୁ ମଣିଷ କରିବାରେ ପ୍ରୟୋଗଶାଳା ସାଜିଥିବା ଉକ୍ତ କେନ୍ଦ୍ର ନିଜ ସମାସ୍ୟାରୁ ଉଦ୍ଧାର ହୋଇପାରୁନି। ୨୦୦୮ରେ ବଳଭଦ୍ରପୁରଠାରେ ଏକ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କରାଯାଇଥିଲା। ଦୁଇ ବର୍ଷ ହେବ ମରାମତି ଅଭାବରୁ ଉକ୍ତ କେନ୍ଦ୍ରରେ ବର୍ଷା ହେଲେ ପାଣି ଗଳୁଛି। ଶିଶୁଙ୍କୁ ବାରଦୁଆର ହେବାକୁ ପଡୁଛି। ରୋଷେଇ ଘର ନ ଥିବାରୁ ବାଉଁଶ ବୁଦାମୂଳରେ ଶିଶୁଙ୍କ ପାଇଁ ଦୈନିକ ଖାଦ୍ୟ ପ୍ରସ୍ତୁତ କରାଯାଉଛି। କେନ୍ଦ୍ରରେ ୪୦ ଶିଶୁ ଅଧ୍ୟୟନ କରୁଥିବା ବେଳେ ବ୍ୟବହାର କରୁଥିବା ନଳକୂପ ୨ ମାସ ହେବ ଖରାପ ହୋଇଛି। ପାଣି ପାଇଁ ଦୂରକୁ ଯିବାକୁ ପଡୁଛି। ପାଚେରି ନ ଥିବାରୁ ପିଲା ରାସ୍ତା ଉପରେ ଖେଳୁଥିବାର ଦେଖିବାକୁ ମିଳୁଛି। ଏ ନେଇ ସିଡିପିଓ ସୀତା ମୁର୍ମୁଙ୍କୁ ପଚାରିବାରୁ ସୁପରଭାଇଜର ମାଧ୍ୟମରେ ଏହାର ତଦନ୍ତ ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



ଗଛମୂଳେ ରୋଷେଇ କରାଯାଉଛି।

## ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତିରେ ଅନିୟମିତତା




ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ନର୍ସିଂ ଛାତ୍ରୀ।

**କେନ୍ଦୁଝର, ୨୪।୧(ସ୍ୱ.ପ୍ର.)**

ଯୁକ୍ତ ୨ କଳା ପାସ କରିଥିବା ନର୍ସିଂ ଛାତ୍ରୀଙ୍କୁ ନିଯୁକ୍ତିରେ ଅବହେଳା କରାଯାଉଛି। ଯୁକ୍ତ ୨ ବିଜ୍ଞାନ ପାସ କରିଥିବା ଛାତ୍ରୀଙ୍କୁ ମେରିଟ ତାଲିକାରେ ରଖାଯାଇଛି। ସେମାନଙ୍କୁ ବାଦ ଦିଆଯିବା ପ୍ରତିବାଦରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଏକ ଶୋଭାଯାତ୍ରାରେ ଆସି ଦାବିପତ୍ର ପ୍ରଦାନ କରିଥିଲେ। ସୁପ୍ରଭା ବଳ, ଶୁଭଶ୍ରୀ ପଣ୍ଡା, ଲୋପାମୁଦ୍ରା ନାଥ, ମମତା ମଞ୍ଜରୀ ସାହୁ, ଇନ୍ଦୁମତୀ ମହାନ୍ତ, ଝରଣାରାଣୀ ଖଟୁଆ ସମେତ ବହୁ ଆଶାୟୀ ନର୍ସିଂ ପଞ୍ଜୀକୃତ ଛାତ୍ରୀ ଲିଖିତ ଦାବି କରିଛନ୍ତି। କଳା, ବାଣିଜ୍ୟ କ୍ଷେତ୍ରକୁ ନ୍ୟାୟ ଦେବା ଓ ବିଜ୍ଞାନ ଓ ଧନ୍ଦାମୂଳକ କ୍ଷେତ୍ର ସହ ସାମିଲ କରିବା ପାଇଁ ସେମାନେ ଦାବି କରିଥିଲେ।

## ପ୍ରଶାସନ-ବିସ୍ଥାପିତ ମୁହାଁମୁହିଁ

**ଚମ୍ପୁଆ/ଯୋଡ଼ା, ୨୪।୧(ଡି.ଏନ.ଏ.)**

ଚମ୍ପୁଆ ଉପଖଣ୍ଡ କାନପୁରରେ ବୃହତ ନଦୀବନ୍ଧ ଯୋଜନା ନିର୍ମାଣାଧୀନ ରହିଛି। ମୁରୁସୁଆଁ ଅଞ୍ଚଳରେ ଜମି ଅଧିଗ୍ରହଣକୁ ନେଇ ପ୍ରଶାସନ ଓ ବିସ୍ଥାପିତ ମଧ୍ୟରେ ଆଲୋଚନା ହୋଇଥିଲା। ଗୁରୁବାର ପୁଣି ବିରୋଧ କରାଯିବାରୁ କୌଣସି କାର୍ଯ୍ୟ ଆରମ୍ଭ ହୋଇପାରିନି। ପୂର୍ବରୁ କାର୍ଯ୍ୟକୁ ବିରୋଧ କରିଆସୁଥିବା ବିସ୍ଥାପିତମାନେ ପ୍ରଶାସନକୁ ବିରୋଧ କରିଥିଲେ। ଏ ନେଇ ଉଭୟ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଦେଖା ଦେଇଥିଲା। ବିସ୍ଥାପିତ ମୁରୁସୁଆଁ ଗ୍ରାମ ରାସ୍ତାକୁ ଅବୋରଧ କରିଥିଲେ। କାର୍ଯ୍ୟସ୍ଥଳକୁ ମେଶିନ ଛଡାଯାଇ ନ ଥିଲା। କାନପୁର ବୃହତ ଜଳସେଚନ ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଚମକପୁର, ମୁରୁସୁଆଁ ଗ୍ରାମର ବିସ୍ଥାପିତଙ୍କୁ ଖାଲି ପ୍ରତିଶ୍ରୁତି ମିଳୁଛି। ଜମି ଅଧିଗ୍ରହଣ କରାଯିବାକୁ ବିରୋଧ କରାଯାଉଥିବା ଗ୍ରମବାସୀ କହିଛନ୍ତି।

## 'ମୋ ଭବିଷ୍ୟତ ସୁରକ୍ଷା' ସ୍ୱାକ୍ଷର ଅଭିଯାନ

**ଆନନ୍ଦପୁର, ୨୪।୧(ସ୍ୱ.ପ୍ର.)**

ଆନନ୍ଦପୁର ବିଜୁ ଯୁବ ଛାତ୍ର ଜନତା ଦଳ ତରଫରୁ 'ମୋ ଭବିଷ୍ୟତ ସୁରକ୍ଷା' ସ୍ୱାକ୍ଷର ଅଭିଯାନ ସ୍ଥାନୀୟ ଶାଳପଡା ଛକଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଯୁବ ବିଜେଡି ଉପସଭାପତି ରାକେଶ କୁମାର ରାମଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବରିଷ୍ଠ ବିଜେଡି ନେତା ବରଞ୍ଚି ମହାପାତ୍ର ସଭା ପରିଚାଳନା କରିଥିଲେ। ଆନନ୍ଦପୁର ନଗର ବିଜେଡି ସଭାପତି ରମାକାନ୍ତ ବେହେରା ପରିଚାଳନା କରିଥିଲେ। ଆନନ୍ଦପୁର ଏମ୍ପି ପ୍ରତିନିଧି ଦେବପ୍ରିୟ ପାତ୍ର, ହାଟଡିହି ବ୍ଲକ ବିଜେଡି ସଭାନେତ୍ରୀ ସାବିତ୍ରୀ ସେଠୀ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଆରତୀ ସିଂହ, ଆନନ୍ଦପୁର ବ୍ଲକ ବିଜେଡି ସଭାପତି ଜଗତ ସାମଲ, ପୂର୍ବତନ ଜିଲାପରିଷଦ ସନାତନ ଦେହୁରି, ରାମଚନ୍ଦ୍ର ପଲେଇ, ଆନନ୍ଦପୁର ବାବା ସାହେବ ଆମ୍ବେଦର କମିଟିର ସଭାପତି ପ୍ରାଣନାଥ ଯେନା ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ।

୭ରୁ ୮ ମାସ ଧରି ଛାତ୍ରୀଛାତ୍ର ବୃତ୍ତି ପାଉ ନ ଥିବାରୁ ଅସନ୍ତୋଷର କାରଣ ପାଲଟିଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ରାଜ୍ୟ ଉପରେ ଅତିରିକ୍ତ ବୋଝ ଲଦିଦିଆଯାଉଛି ବୋଲି ସଭାନେତ୍ରୀ ସାବିତ୍ରୀ ସେଠୀ କହିଥିଲେ। କାର୍ଯ୍ୟକ୍ରମକୁ ଯୁବନେତା ନେତା ରବୀନ୍ଦ୍ର ସ୍ୱାଇଁ, ଦେବାଶିଷ ରାମ, ବାପୁନ ସେନାପତି, ରାମଚନ୍ଦ୍ର ଧଳ, ଶୁଭ୍ର ପ୍ରକାଶ ରାମ, ଦୀପ୍ତିରଞ୍ଜନ ଜେନା, ତୋଫାନ ସାହୁ, ସତ୍ୟନାରାୟଣ ସାହୁ, ଲାଲୁ ପ୍ରସାଦ ସାମନ୍ତ ରାୟ, ଟିଙ୍କିଲି ପରିଡ଼ା, ସିପୁ ଦାସ, ବାବୁ ବେହେରା ପ୍ରମୁଖଙ୍କ ସମେତ ବହୁ ଛାତ୍ର ନେତା କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଛାତ୍ରୀଛାତ୍ର।

## ପ୍ରଚାର ଜୋର୍‌ଦାର, ଯୁଗ୍ମ ସମ୍ପାଦକ ପାଇଁ ଲଢ଼େଇ

**ଘଟଗାଁ/କେନ୍ଦୁଝର, ୨୪।୧(ଡି.ଏନ.ଏ./ସ୍ୱ.ପ୍ର.)**

**ଜିଲା ଟ୍ରକ୍ ମାଲିକ ସଂଘ ନିର୍ବାଚନ**

କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘ ନିର୍ବାଚନ ପାଇଁ ପ୍ରାର୍ଥୀଙ୍କ ପ୍ରଚାର ଜୋରଦାର ଆରମ୍ଭ ହୋଇଛି। ୪ଥର ସାଧାରଣ ସମ୍ପାଦକ ପଦବୀରେ ବିଜୟୀ ହୋଇଥିବା ପ୍ରଦୀପ କୁମାର ବାରିକ ପୁଣି ନିର୍ବାଚିତ ହେବାକୁ ପ୍ରଚାର ଆରମ୍ଭ କରିଛନ୍ତି। ନିଜର ପୁରୁଣା ସମର୍ଥକଙ୍କ ସହ ଢେଙ୍କିକୋଟ, ଘଟଗାଁ, ହାଟଡିହୀ, ରାମଚନ୍ଦ୍ରପୁର, ଘଷିପୁରା ଜୋନରେ ପ୍ରଚାର କରିଛନ୍ତି। ନିର୍ବାଚନ ଜିତିଲେ ଟୋକନ ବ୍ୟବସ୍ଥାର କମ୍ପ୍ୟୁଟରୀକରଣ କରିବା ସହ ଯୋଡ଼ା ଅଞ୍ଚଳରେ ପୂର୍ବପରି କିପରି ଟ୍ରକ୍ ମାଲିକ ଲୋଡିଂ ସୁବିଧା ପାଇବେ ସେ ନେଇ ପଦକ୍ଷେପ ନେବେ ବୋଲି ବାରିକ କହିଛନ୍ତି। ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ଭାବରେ ସୂର୍ଯ୍ୟନାରାୟଣ କର ରହିଛନ୍ତି। ପ୍ରଦୀପଙ୍କ ଇସ୍ତଫା ପରେ ସୂର୍ଯ୍ୟନାରାୟଣ ସାଧାରଣ ସମ୍ପାଦକ ଦାୟିତ୍ୱରେ ରହିଥିଲେ।

ଗୁରୁତ୍ୱପୂର୍ଣ୍ଣ ସଭାପତି ଓ ସମ୍ପାଦକ ପଦବୀ ପରେ ଯୁଗ୍ମସମ୍ପାଦକ ପଦବୀ ପାଇଁ ମଧ୍ୟ ଜୋରଦାର ଲଢେଇ ହେଉଛି। ଏହି ଲଢେଇରେ ୬ ପ୍ରାର୍ଥୀ ନିର୍ବାଚନରେ ଅବତୀର୍ଣ୍ଣ ହୋଇଛନ୍ତି। ଟ୍ରକ୍ ମାଲିକଙ୍କ ସ୍ୱାର୍ଥରକ୍ଷାରେ ଅଙ୍ଗାଙ୍ଗି ଭାବେ ଜଡିତ ଥିବା ଦାବି କରୁଥିବା ପ୍ରଦୀପ ସାମନ୍ତ(ଚାନ୍ଦ) ଜିତିବାର ଆଶା ରଖିଛନ୍ତି। ଟ୍ରକ୍ ମାଲିକଙ୍କ ସହ ଆସ୍ଥାଭାଜନ ହୋଇପାରିଥିବା ଦାବି କରୁଥିବା ଶ୍ରୀସାମନ୍ତ ନିର୍ବାଚନ ଜିତିବା ପାଇଁ ମଧ ବେଶ ଆଶାବାଦୀ ଅଛନ୍ତି। ତାଙ୍କର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଭାବେ ଦେବାଶିଷ ପଟ୍ଟନାୟକ, ସଞ୍ଜୟ ସିଂ, ଅରୁଣ ମହାନ୍ତ, ଅଭିମନ୍ୟୁ ଦାସ, ପ୍ରଦୀପ ସାହୁ ଅଛନ୍ତି। ୨ ଜଣ ନିର୍ବାଚିତ ହୋଇ ଆସିବାର ବ୍ୟବସ୍ଥା ରହିଥିବାରୁ ବିଭିନ୍ନ ସ୍ଥାନରେ ପ୍ରଚାର ଜୋର ଧରିଛି।

## ପଦ୍ମପୁରରେ କନ୍ୟାରତ୍ନ ଦିବସ

**ରାଇସୁଆଁ, ୨୪।୧(ଡି.ଏନ.ଏ.)** କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ମହାବିଦ୍ୟାଳୟରେ ଗୁରୁବାର କନ୍ୟାରତ୍ନ ଦିବସ ପାଳିତ ହୋଇଯାଇଛି। କନ୍ୟାଙ୍କୁ ଯତ୍ନ ସହକାରେ ପାଳିବା ସହ ଉଚିତ ଶିକ୍ଷା ଦେଇ ପାଳନ କରିବାକୁ ଅତିଥିମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଶବଚରଣ ବାଘ, ପଦ୍ମପୁର ମହାବିଦ୍ୟାଳୟର ଅଧ୍ୟକ୍ଷା ସନମତି ସାହୁ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନସଂଖ୍ୟା ସମ୍ପ୍ରସାରଣ ଅଧିକାରୀ ପୁରୁଷୋତ୍ତମ ନାଏକଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ।

## ନିର୍ବାଚନ ସଚେତନତା ଲାଗି ରଙ୍ଗୋଲି

**ବଡ଼ବିଲ, ୨୪।୧(ସ୍ୱ.ପ୍ର.)**

ବଡ଼ବିଲ ପୌରାଞ୍ଚଳ ଠାକୁରାଣୀସ୍ଥିତ ଦୁର୍ଗା ମଣ୍ଡପ ନିକଟରେ ଗୁରୁବାର ନିର୍ବାଚନ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆଗକୁ ନିର୍ବାଚନ ଥିବା ବେଳେ ସରକାରଙ୍କ ତରଫରୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ବଡ଼ବିଲ ପୌରା ପ୍ରଶାସନ ପକ୍ଷରୁ ଏକ ନିଆରା ଢଙ୍ଗରେ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଗୁରୁବାର ଠାକୁରାଣୀ ଦୁର୍ଗାମୁଣ୍ଡ ନିକଟରେ ରଙ୍ଗୋଲିର ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ ସ୍ଥାନୀୟ ମହିଳା ଅଂଶ ଗ୍ରହଣ କରିଥିଲେ। ସଂସଦ ଭବନ, ମତଦାନ ଆମର ଅଧିକାର, ମେକ ଦ ଚେଞ୍ଜ- ଡୁ ନଟ ବ୍ଲେମ, ଭୋଟ ଦେନା ହମାରା ଅଧିକାର ଏହିପରି ଓଡିଆ, ହିନ୍ଦୀ ଓ ଇଂରାଜୀରେ ବାର୍ତ୍ତା ଦେଇ ରଙ୍ଗୋଲି ଅଙ୍କନ କରିଥିଲେ।

ସଚେତନତା କାର୍ଯ୍ୟକ୍ରମକୁ ଗୋଷ୍ଠୀ ସଙ୍ଗଠିକା ଶୁଭଶ୍ରୀ ବେଜ ଓ ପୌର କର୍ମଚାରୀ ରାଜେନ୍ଦ୍ର ସିଂହ ପରିଚାଳନା କରିଥିଲେ। ନିବାରିଣୀ ଭୋଲା, ବିଜୟିନୀ ମହାନ୍ତ, ଯାଜ୍ଞେଶ୍ୱରୀ ମୁନ୍ଦି, ବିଜୟିନୀ ମହାରଣା ଓ ମମତା ନାଏକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଅମିତ ସାଣ୍ଡିଲ ଓ ମନ୍ଦାକିନି ପାତ୍ର ସହଯୋଗ କରିଥିଲେ।



ସଚେତନତା ରଙ୍ଗୋଲିରେ ଭାଗ ନେଇଥିବା ପ୍ରତିଯୋଗୀ।

# ଚାଷୀଙ୍କ ଟଙ୍କା ହଡ଼ପ

**ଝୁମ୍ପୁରା, ୨୪।୧(ଡି.ଏନ.ଏ.)**


THE REGULATED MARKET COMMITTEE
CHAMPUA
OFFICE MONEY RECEIPT
Name of the RMC: Champua
Book No. 1
Receipt No. 66
Date: 15.11.2014
RECEIVED From: Babaji Charan ...
Rupees: Forty Thousand only
Account of: Advance Security Deposit for Shop...
Rs. 40,000/-
Secretary/Accountant

ମିଳିଥିବା ନକଲି ରସିଦ।

- ଆର୍‌ଏମ୍‌ସିରେ ଘୋଟାଲା
- ନକଲି ରସିଦ ଦେଇ ଠକେଇ
- ମିଳିପାରୁନି ଦୋକାନ ଘର

ଚମ୍ପୁଆ ନିୟନ୍ତ୍ରିତ ବଜାର ପରିଷଦ (ଆର୍‌ଏମ୍‌ସି) କାର୍ଯ୍ୟାଳୟରେ ପୁଣି ଏକ ଘୋଟାଲା ପଦାକୁ ଆସିଛି। ନକଲି ରସିଦ ଦେଇ ଜଣେ ଚାଷୀଙ୍କଠାରୁ ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି। ଚାଷୀଙ୍କ ଉନ୍ନତି ଦିଗରେ ଗଠିତ ହୋଇ କାମ କରୁଥିବା ଆର୍‌ଏମ୍‌ସିର ଉକ୍ତ ଘୋଟାଲାରେ ଚାଷୀଙ୍କ ସହ ସାଧାରଣ କ୍ଷୁଦ୍ର ବ୍ୟବସାୟୀ ଆତଙ୍କିତ ହୋଇପଡ଼ିଛନ୍ତି। ଆର୍‌ଏମ୍‌ସି ଅଧୀନରେ ହାଟ, ବଜାର ରହିଛି। ଚାଷୀଙ୍କୁ ସୁବ୍ୟସ୍ଥିତ ଢଙ୍ଗରେ ବସାଇବା, ବଜାର ଗୁଡିକର ପରିମଳ ବ୍ୟବସ୍ଥା ପ୍ରତି ଧ୍ୟାନଦେବା, ପାନୀୟ ଜଳର ସୁବିଧା ଯୋଗାଇ ଦେବା ଆର୍‌ଏମ୍‌ସି କର୍ତ୍ତୃପକ୍ଷଙ୍କ କାମ। ଆର୍‌ଏମ୍‌ସି ନିୟନ୍ତ୍ରଣରେ ଝୁମ୍ପୁରା, ରିମୁଳି, କାଳିମାଟି, କଣ୍ଡରା, ଚମ୍ପୁଆ, ଉଖୁଣ୍ଡା ଆଦି ସ୍ଥାନର ହାଟ, ବଜାର ରହିଛି। ଆର୍‌ଏମ୍‌ସିର କର୍ମଚାରୀ ହାଟ ବଜାରକୁ ଆସୁଥିବା ଚାଷୀଙ୍କଠାରୁ ମାହାସୁଲ ଆଦାୟ କରୁଛନ୍ତି। ବିପଣୀ ସୌଧରେ ରହିଥିବା ଦୋକାନ ଘରଗୁଡିକରୁ ମାସିକିଆ ଭଡା ଆଦାୟ କରାଯାଉଛି। ଉପଜିଲାପାଳ ଆର୍‌ଏମ୍‌ସିର ଅଧ୍ୟକ୍ଷ ରହିଛନ୍ତି। ହାଟ, ବଜାର ତଦାରଖ କରିବା ପାଇଁ ସରକାରୀ ସ୍ତରରେ ସମ୍ପାଦକ ନିଯୁକ୍ତି ହୋଇଛନ୍ତି।

ଆର୍‌ଏମ୍‌ସି ପକ୍ଷରୁ ଦୋକାନ ଘର ଯୋଗାଇ ଦେବା ଲାଗି ମହେଶ୍ୱରପୁରର କ୍ଷୁଦ୍ରଚାଷୀ ଜୟଧନ ମହାନ୍ତଙ୍କୁ ନକଲି ରସିଦ ଦେଇ ୬୦ ହଜାର ଟଙ୍କା ଠକି ନିଆଯାଇଥିଲା। ଏବେ ସରେଇ ଗ୍ରାମର ଚାଷୀ ବାବାଜୀ ଚରଣ ସେଠୀଙ୍କୁ ନକଲି ରସିଦ ଦେଇ ୪୦ ହଜାର ଟଙ୍କା ଠକି ନିଆଯାଇଥିବା ଅଭିଯୋଗ ହୋଇଛି। ଆର୍‌ଏମ୍‌ସିରୁ ନିଲମ୍ବିତ ହୋଇଥିବା କୋଷାଧ୍ୟକ୍ଷ ଚିନ୍ତାମଣି ମହାନ୍ତ ଚାଷୀ ବାବାଜୀଙ୍କୁ ୪୦ ହଜାର ଟଙ୍କା ଜମା କରିବାକୁ କହିଥିଲେ। ବାବାଜୀ ଧାର କରଜ କରି ଆର୍‌ଏମ୍‌ସି କାର୍ଯ୍ୟାଳୟରେ ୧୫।୧୧।୨୦୧୪ରେ ଟଙ୍କା ଜମା କରିଥିଲେ। କୋଷାଧ୍ୟକ୍ଷଙ୍କ ନିକଟରୁ ରସିଦ ଗ୍ରହଣ କରିଥିଲେ। ୪ ବର୍ଷ ବିତି ଯାଇଥିଲେ ହେଁ ବାବାଜୀଙ୍କୁ ଆର୍‌ଏମ୍‌ସି ପକ୍ଷରୁ ଦୋକାନ ଘର ମିଳି ପାରିନାହିଁ କି ଟଙ୍କା ମଧ୍ୟ ଫେରସ୍ତ ହୋଇ ପାରିନାହିଁ। ବାବାଜୀ ବାରମ୍ବାର ଆର୍‌ଏମ୍‌ସି କାର୍ଯ୍ୟାଳୟର ଦ୍ୱାରସ୍ଥ ହେବା ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ନେଇ ଚମ୍ପୁଆସ୍ଥିତ ଆର୍‌ଏମ୍‌ସିର ସମ୍ପାଦକ ସପନ କୁମାର ସାହୁଙ୍କୁ ପଚାରିବାରୁ ରସିଦ ହିସାବ ମିଳୁନାହିଁ। ରିପୋର୍ଟ କରାଯାଇଛି ଉପଜିଲାପାଳ ଯାହା ପଦକ୍ଷେପ ନେବେ ବୋଲି ସେ କହିଛନ୍ତି।